୬ ଦକ୍ଷିଣ ଆଫ୍ରିକାକୁ ୮ ୱିକେଟ୍‌ରେ ହରାଇଲା ୧୯ ବର୍ଷରୁ କମ୍ ଭାରତୀୟ ଦଳ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୩୯ ● ୬ ଜାନୁଆରୀ ୨୦୨୬, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-339 ● 6th January 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ମୁଖ୍ୟମନ୍ତ୍ରୀଙ୍କ ୧୬ତମ ପାଳି ଅଭିଯୋଗ ଶୁଣାଣି

# ୯୫ ପ୍ରତିଶତ ଅଭିଯୋଗର ସମାଧାନ

ଭୁବନେଶ୍ୱର, ୫।୧

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୬ତମ ପାଳି ସୋମବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବାହ୍ନ ୧୦ ଘଟିକା ସମୟରେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୭ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ।

ସବୁଥର ପରି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ । ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ ।



ଜଟିଳ ରୋଗରେ ପୀଡ଼ିତ କେନ୍ଦୁଝର ଜିଲ୍ଲାର ପପୁନ ମହାରଣା, ଖୋର୍ଦ୍ଧା ଜିଲ୍ଲାର ପ୍ରିୟବ୍ରତ ପ୍ରଧାନ ଏବଂ କଟକ ଜିଲ୍ଲାର ଦୀପ୍ତିମୟୀ ଦାଶଙ୍କ ପାଇଁ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ମୁଖ୍ୟମନ୍ତ୍ରୀ ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଜନାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ସାଧାରଣ ଲୋକଟିଏ ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇ ପାରୁଛି । ସରକାରଙ୍କ ପକ୍ଷରୁ ମଧ ସବୁ ଅଭିଯୋଗକୁ ସମାନ ଗୁରୁତ୍ୱ ଦିଆଯାଇ ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି ।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୫ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୩,୩୫୮ଟି ଅଭିଯୋଗ ମଧ୍ୟରୁ ୧୨,୭୪୮ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୯୫ ପ୍ରତିଶତ । *(ପୃଷ୍ଠା ୭ରେ)*

# ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଘର ଉପରେ ହମ୍ଲା, ଧରା ପଡ଼ିଲା ଆକ୍ରମଣକାରୀ

ନୂଆଦିଲ୍ଲୀ, ୫।୧

ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଓହାୟୋ ସ୍ଥିତ ବାସଭବନ ଉପରେ ଆକ୍ରମଣ ହୋଇଛି । ଭେନେଜୁଏଲାର ରାଷ୍ଟ୍ରପତିଙ୍କୁ ଅପହରଣ କରାଯିବା ପରେ ଉପୁଜିଥିବା ଉତ୍ତେଜନାମୂଳକ ପରିସ୍ଥିତି ମଧ୍ୟରେ ଆମେରିକାର ଉପରାଷ୍ଟ୍ରପତିଙ୍କ ବାସଭବନ ଉପରେ ଆକ୍ରମଣ ହୋଇଛି । ରିପୋର୍ଟ ମୁତାବକ ଜଣେ ବ୍ୟକ୍ତି ଅଚାନକ ତାଙ୍କ ଘର ଉପରେ ପଥରମାଡ଼ କରିଛି । ତେବେ ଏହି ସମୟରେ ଭାନ୍ସ ଘରେ ଉପସ୍ଥିତ ନ ଥିଲେ । ପଥରମାଡ଼ ପରେ ଦୁର୍ବୃତ୍ତ ଫେରାର ମାରିବାକୁ ଚେଷ୍ଟା କଲା ବେଳେ ଆମେରିକା ପୋଲିସ ତାକୁ କାବୁ କରି ନେଇଛନ୍ତି । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣରେ ଭାନ୍ସଙ୍କ ଘରର କବାଟର କାଚ ଭାଙ୍ଗି ଯାଇଛି । ତଦନ୍ତକାରୀ ଏଜେନ୍ସି ଏହି ଘଟଣା ପଛର ଉଦ୍ଦେଶ୍ୟ କ'ଣ ? କାହିଁକି ଆକ୍ରମଣକାରୀ ଏମିତି ଆକ୍ରମଣ କଲା ତା'ର କାରଣ ଜାଣିବାକୁ ଚେଷ୍ଟା ଚଳାଇଛନ୍ତି । ଦୁର୍ବୃତ୍ତ



ଉପରାଷ୍ଟ୍ରପତି ଭାନ୍ସଙ୍କୁ ନା ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ଟାର୍ଗେଟ୍ କରିବାକୁ ଚାହୁଁଥିଲା ତା'ର ମଧ ଖୋଳତାଡ଼ କରାଯାଉଛି । ଜେଡି ଭାନ୍ସଙ୍କ ଘର ୱାଶିଂଟନ ଡିସି ବାହ୍ୟ ଅଞ୍ଚଳରେ ଅବସ୍ଥିତ । ପୋଲିସର କହିବା କଥା ରାତି ପ୍ରାୟ ୧୨ଟାରେ ଜଣେ ବ୍ୟକ୍ତି ତାଙ୍କ ଘର ଅଭିମୁଖେ ଦୌଡ଼ୁଥିବା ଦେଖିବାକୁ ମିଳିଥିଲା । ଏହା ମଧ କୁହାଯାଉଛି ଯେ, ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଓ ରାଷ୍ଟ୍ରପତି ମାଦୁରୋଙ୍କୁ ଅପହରଣ କରିବା କାରଣରୁ ଏହି ଧରଣର ଆକ୍ରମଣ କରାଯାଇ ଥାଇପାରେ । ଜେଡି ଭାନ୍ସ ବର୍ତ୍ତମାନ ଫ୍ଲୋରିଡ଼ାରେ ଅଛନ୍ତି । କିଛି ସମୟ ପାଇଁ ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗୋଲ୍ଫ କ୍ଲବରେ ଥିଲେ । ଭାନ୍ସ ଓ ଟ୍ରମ୍ପ ଭେନେଜୁଏଲା ଉପରେ ହମଲା ଓ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ *(ପୃଷ୍ଠା ୭ରେ)*

# ଦୋଷୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ପୁରୀ, ୫।୧ : ନ୍ୟୁଜ୍ ବ୍ୟୁରୋ

ଶ୍ରୀମନ୍ଦିର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ପ୍ରୋଟୋକଲରେ ଶ୍ରୀମନ୍ଦିର ଆସୁଥିବା ଅତିଥିଙ୍କ ପାଇଁ ଏସ୍‌ଓପି ପ୍ରସ୍ତୁତ ହୋଇଛି । ପ୍ରୋଟୋକଲ ଦାୟିତ୍ୱରେ କେବଳ ଶ୍ରୀମନ୍ଦିର ପ୍ରଶାସନ ରହିବେ । ଶ୍ରୀମନ୍ଦିର ପରିସରରେ ମୋବାଇଲ୍ କଟକଣାକୁ ଆହୁରି କଡ଼ାକଡି କରାଯିବ । ନୀତିକାନ୍ତି ସମ୍ବନ୍ଧୀୟ ଯେଉଁମାନଙ୍କର କାମ ଥିବ କେବଳ ସେମାନଙ୍କୁ ଅନୁମତି ଦିଆଯିବ । ନୂଆବର୍ଷର ପ୍ରଥମ ରବିବାରରେ ଦର୍ଶନ ବ୍ୟବସ୍ଥାରେ ହୋଇଥିବା ବିବାଦକୁ ନେଇ କ୍ଷମାପ୍ରାର୍ଥନା କରିବା ସହ ସମନ୍ୱୟ ଅଭାବ ଯୋଗୁଁ ଏଭଳି ଘଟିଛି ବୋଲି ସେ କହିଛନ୍ତି । ତେବେ ଏହାର ତଦନ୍ତ ପୁରୀ ଏସ୍‌ପି କରିବେ ଏବଂ ସିସିଟିଭି ଫୁଟେଜ୍ ଆଧାରରେ ଯିଏ ବି ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।



ସୂଚନା ମୁତାବକ ନବବର୍ଷର ପ୍ରଥମ ରବିବାରରେ ପ୍ରୋଟୋକଲ ଦର୍ଶନକୁ ନେଇ ଶ୍ରୀମନ୍ଦିର କମାଣ୍ଡର ଏବଂ ସ୍ୱତନ୍ତ୍ର ସୁରକ୍ଷା କର୍ମୀ ମୁହାଁମୁହିଁ ହୋଇଥିଲେ । ଶ୍ରୀମନ୍ଦିର ସାତ ପାହାଚ ପୂର୍ବରୁ କୀର୍ତ୍ତନ ଚକଡାରେ ଶ୍ରୀମନ୍ଦିର କମାଣ୍ଡର ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ବ୍ୟାରିକେଡରେ ସୁରକ୍ଷାକର୍ମୀଙ୍କ ପ୍ରୋଟୋକଲ ଦର୍ଶନକୁ ଶ୍ରୀମନ୍ଦିର କମାଣ୍ଡର ସୁଧାଂଶୁ ପଟ୍ଟନାୟକ ବିରୋଧ କରିଥିଲେ । ଏ ନେଇ ଶ୍ରୀମନ୍ଦିର ଭିତରେ ଠେଲାପେଲା ପରିସ୍ଥିତି ଉପୁଜିଥିଲା । ମନ୍ଦିର କମାଣ୍ଡରଙ୍କୁ ସ୍ୱତନ୍ତ୍ର ସୁରକ୍ଷାକର୍ମୀ ଧକ୍କା ମାରିବା ସହ ଗାଳିମନ୍ଦ କରିଥିଲେ । ଏଥିପାଇଁ ସାତପାହାଚ ଧାଡି ଦର୍ଶନ ସକାଳଧୂପ ପରେ ପ୍ରାୟ ୩୦ ମିନିଟ୍ ପାଇଁ ବନ୍ଦ ରହିଥିଲା । ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏନେଇ କ୍ଷମାପ୍ରାର୍ଥନା କରିବା ସହ ସମନ୍ୱୟ ଅଭାବ ଯୋଗୁଁ ଏଭଳି ଘଟିଛି ବୋଲି କହିଛନ୍ତି ଏବଂ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ଆଜିର ମୁଖ୍ୟ ଖବର

- କଟକରେ ସ୍କର୍ପିଓ ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ ।
- ଢେଙ୍କାନାଳ ପଥର ଖଣି ବିସ୍ଫୋରଣ ମାମଲାରେ ତଦନ୍ତ ଜାରି ।
- ଆମ ବସ୍ ଚାଳକମାନେ ସଡ଼କ ସୁରକ୍ଷା ଶପଥ ଗ୍ରହଣ କଲେ ।
- ରାୟଗଡ଼ାରେ ବିଳମ୍ବରେ କାର୍ଯ୍ୟାଳୟକୁ ଆସୁଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ।
- ବିଜୟୱାଡ଼ାରେ ଓଡ଼ିଆ ପ୍ରବାସୀ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ।
- ଭୁବନେଶ୍ୱରରେ ଲୋକଭବନ ଉଦ୍ୟାନ ସାଧାରଣଙ୍କ ପାଇଁ ଖୋଲା ।
- ଭୁବନେଶ୍ୱରରେ ବାୟୁ ଶୁଦ୍ଧିକରଣ ଯନ୍ତ୍ର ଲଗାଯିବ ।
- ବରହମପୁର ବିଜ୍ଞାନ ସଂସ୍ଥାର ପ୍ରତିଷ୍ଠା ଦିବସ ପାଳନ ।
- ଆସାମରେ ଭୂକମ୍ପ ଅନୁଭୂତ ।

## ନୀତି ଆୟୋଗ ମୁଖ୍ୟ ସିଇଓଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ବୈଠକ

# ଓଡ଼ିଶା ଭିଜନରେ ଥିବା ଲକ୍ଷ୍ୟ ପୂରଣ ନେଇ ଆଲୋଚନା

ଭୁବନେଶ୍ୱର, ୫।୧

ନ୍ୟୁଜ୍ ବ୍ୟୁରୋ

ନୀତି ଆୟୋଗ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବି.ଭି.ଆର ସୁବ୍ରମଣ୍ୟମଙ୍କ ସହିତ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ରାଜ୍ୟର ବିଭିନ୍ନ ବିଭାଗର ସଚିବମାନଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନୀତି ଆୟୋଗର ଅନ୍ୟତମ ପଦସ୍ଥ ଅଧିକାରୀ ଏସ୍. କିଶୋର ଉପସ୍ଥିତ ଥିବା ବେଳେ ନୀତି ଆୟୋଗର ଅନ୍ୟ





ଅଧିକାରୀ ଓ ବିଶେଷଜ୍ଞମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ଲକ୍ଷ୍ୟ ରଖି ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ତରଫରୁ ଗ୍ରହଣ କରାଯାଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ସମ୍ପର୍କରେ ଏହି *(ପୃଷ୍ଠା ୭ରେ)*

# ବାଲେଶ୍ୱର ସହରରେ ପ୍ରଦୂଷଣ କଟକଣା

ବାଲେଶ୍ୱର, ୫।୧

ନ୍ୟୁଜ୍ ବ୍ୟୁରୋ

ତାଲଚେର ପରେ ବାଲେଶ୍ୱର ସହରରେ ପ୍ରଦୂଷଣ କଟକଣା ଜାରି କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଏହି କଟକଣା ଅନୁସାରେ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ସହର ଦେଇ ଯାଇଥିବା ଜାତୀୟ ରାଜପଥ ଏବଂ ମୁଖ୍ୟରାଜପଥ ଗୁଡିକରେ ତିନିଥର ପାଣି ସିଞ୍ଚନ କରାଯିବ ଏବଂ ସହର ମଧ ଦେଇ ଭାରିଯାନ ଯାତାୟାତ ବନ୍ଦ ରହିବ । ଏନେଇ ଜିଲ୍ଲାପାଳ ଗାଇଡଲାଇନ ଜାରି କରିଛନ୍ତି ।

ଗତ କିଛି ଦିନ ଧରି ବାଲେଶ୍ୱର ଜିଲ୍ଲା ଓ ସହରରେ ପ୍ରଦୂଷଣ ମାତ୍ରା ବଢି ଚାଲିଥିଲା । ଯାହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ନିର୍ଦ୍ଦେଶନାମା ଜାରି କରାଯାଇଛି । ବିଶେଷକରି ବାଲେଶ୍ୱର ପୌରାଞ୍ଚଳ ପାଇଁ କଡ଼ା ଗାଇଡଲାଇନ ଜାରି କରିଛନ୍ତି ଜିଲ୍ଲା ପ୍ରଶାସନ । ଗ୍ରାପ୍ ଷ୍ଟେଜ-୨ ଗାଇଡଲାଇନ ଅନୁସାରେ ଅନେକ କଟକଣା ମାନିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗାଇଡଲାଇନ ଅନୁସାରେ ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ମଧ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ । ରାସ୍ତାରେ ଦିନକୁ ୩ଥର ପାଣି ସିଞ୍ଚନ ପାଇଁ ଏନଏଚଏଆଇକୁ ପରାମର୍ଶ ଦିଆଯାଇଛି । ସେହିପରି ସହର ମଧ୍ୟକୁ ଭାରିଯାନ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି । ଢାବାରେ କୋଇଲା *(ପୃଷ୍ଠା ୭ରେ)*

# ଆଜମେର ସରିଫ ଦରଘାରେ ଚାଦର ଚଢ଼ାଇବା ବିରୋଧରେ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୫।୧

ଆଜମେର ସରିଫ ଦରଘାରେ ବାର୍ଷିକ ଉର୍ସ ସମୟରେ ସୁଫି ସନ୍ଥ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କ ସମାଧିରେ ଆନୁଷ୍ଠାନିକ ଭାବେ କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀଙ୍କୁ ଚାଦର ଚଢ଼ାଇବାକୁ ନିଷେଧ କରିବା ପାଇଁ ଏକ ଆବେଦନକୁ ସୋମବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । କୋର୍ଟ କହିଛନ୍ତି ଆବେଦନ ନ୍ୟାୟସଙ୍ଗତ ନୁହେଁ ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି, ଆମ ମତରେ ଏହି ଆବେଦନରେ ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକ ନ୍ୟାୟସଙ୍ଗତ ନୁହେଁ । ତେଣୁ *(ପୃଷ୍ଠା ୭ରେ)*



# ୪ ଓଡ଼ିଆଙ୍କୁ ମିଳିବ ସିଭି ରମଣ ପୁରସ୍କାର

ଭୁବନେଶ୍ୱର, ୫।୧

ନ୍ୟୁଜ୍ ବ୍ୟୁରୋ

୨୦୨୬ ବର୍ଷ ପାଇଁ ସିଭି ରମଣ ସମ୍ମାନ ଚୟନ ପରିଷଦ ପକ୍ଷରୁ ସିଭି ରମଣ ପୁରସ୍କାର ଘୋଷଣା କରାଯାଇଛି । ସେମାନଙ୍କ ମଧ୍ୟରୁ ପଦାର୍ଥ ବିଜ୍ଞାନର ଗବେଷଣା କ୍ଷେତ୍ରରେ ମୁମ୍ବାଇସ୍ଥିତ ଭାବା ଆଣବିକ ଗବେଷଣା କେନ୍ଦ୍ରର ପୂର୍ବତନ ବରିଷ୍ଠ ବୈଜ୍ଞାନିକ ପ୍ରଫେସର ଅଶୋକ ଦାସ, ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଭୁବନେଶ୍ୱର ଏମ୍ସର ପ୍ରଫେସର ତୁଷାର ସୁଭଦର୍ଶନ ମିଶ୍ର , ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ୱାରାଙ୍ଗଲ ସ୍ଥିତ ଏନ.ଆଇ.ଟିର ସହକାରୀ ପ୍ରଫେସର ଡ଼କ୍ଟର ସଞ୍ଜୟ କୁମାର ପଣ୍ଡାଙ୍କୁ ଯୁବ ବିଜ୍ଞାନୀ *(ପୃଷ୍ଠା ୭ରେ)*

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୮୨୨ (+୨୪୦) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୨,୬୭୦ (+୨୨୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୦,୩୬୭ (+୧୮୦) |

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୫ (+୮)

## ଏକାଳ ପଖାଳ



ସଜାଗ ସତର୍କ ରହିବା
ତାପରେ ସିନା ହେବ
ବାୟୁ ପ୍ରଦୂଷଣ ଯେମିତି ବଢୁଛି
କୁଆଡେ ମଣିଷ ଯିବ
ଯାନବାହନ ଶିଳ୍ପ ଥିବ
ତା'ସହ ବଣଜଙ୍ଗଲ ରଖିଲେ
ବଞ୍ଚିବ ନହେଇ ଶବ ।

# ତଟରକ୍ଷୀ ବାହିନୀରେ ସାମିଲ ହେଲା 'ସମୁଦ୍ର ପ୍ରତାପ'





ନୂଆଦିଲ୍ଲୀ, ୫।୧

ଭାରତ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ କରିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୋମବାର ଭାରତୀୟ ତଟରକ୍ଷୀ ବାହିନୀର ବେଡ଼ାରେ ୬୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀରେ ନିର୍ମିତ ପ୍ରଦୂଷଣ ନିୟନ୍ତ୍ରଣ ପୋତ 'ସମୁଦ୍ର ପ୍ରତାପ'କୁ ସାମିଲ କରିଛନ୍ତି । ଯଦିଓ ଏହି ଜାହାଜକୁ ମୁଖ୍ୟତଃ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଡିଜାଇନ୍ କରାଯାଇଛି, କିନ୍ତୁ ଏହା ସର୍ଚ୍ଚ ଏବଂ ରେସ୍କ୍ୟୁ ଅପରେସନ୍, ତଟୀୟ ପାଟ୍ରୋଲିଂ ଏବଂ ସାମୁଦ୍ରିକ ସୁରକ୍ଷାକୁ ମଜଭୁତ କରିବାରେ ସମାନ ଭାବରେ ସକ୍ଷମ ।

ଗୋଆ ସିପ୍ୟାର୍ଡ ଲିମିଟେଡ୍ ଦ୍ୱାରା ନିର୍ମିତ 'ସମୁଦ୍ର ପ୍ରତାପ'ର ଲମ୍ବ ୧୧୪.୫ ମିଟର ଏବଂ ଓଜନ ପ୍ରାୟ ୪,୨୦୦ ଟନ୍ । ଏହାର ସର୍ବାଧିକ ଗତି ଘଣ୍ଟାକୁ ୨୨ ଟନ୍‌ରୁ ଅଧିକ । ପ୍ରତିରକ୍ଷା ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଗୋଟିଏ ପ୍ଲାଟଫର୍ମରେ ଏକାଧିକ କ୍ଷମତାର ସମନ୍ୱୟ ହିଁ ଆଜିର ସାମୁଦ୍ରିକ ଆହ୍ୱାନ ପାଇଁ ଆବଶ୍ୟକ । ଏହି ଜାହାଜରେ ୬୦%ରୁ ଅଧିକ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହୃତ ହୋଇଛି, ଯାହା 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନର ଏକ ବଡ଼ ସଫଳତା । ଏହା ଦର୍ଶାଉଛି ଯେ ଭାରତର ପ୍ରତିରକ୍ଷା ଶିଳ୍ପ ଏବେ ଜଟିଳ *(ପୃଷ୍ଠା ୭ରେ)*

# କୁହୁଡ଼ି ନେଇ ସତର୍କ ସୂଚନା ଜାରି କଲା ଆଇଏମ୍‌ଡି

ଭୁବନେଶ୍ୱର, ୫।୧

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ଘନ କୁହୁଡ଼ି ଅନୁଭୂତ ହେବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ୫ ଦିନିଆ ସତର୍କ ସୂଚନା ଜାରି କରାଯାଇଛି । ଆଇଏମଡି ପକ୍ଷରୁ କୁହାଯାଇଛି, ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ଘନ କୁହୁଡ଼ି ଏବଂ ଥଣ୍ଡା ଅନୁଭୂତ ହେବା ଜାରି ରହିଛି । ରାଜ୍ୟର ସାତଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳେ ରହିଛି ।

ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୮.୮ ଡିଗ୍ରୀ ସେଲସିୟସ୍ ରେକର୍ଡ



କରାଯାଇଥିବା ବେଳେ ବରଗଡ଼ରେ ତାପମାତ୍ରା ସର୍ବାଧିକ ୨୯.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ରାଜଧାନୀ ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୨୭.୮ ଡିଗ୍ରୀ *(ପୃଷ୍ଠା ୭ରେ)*





# ପହରିଆପଡ଼ାବାସୀ ଏବେବି ମୌଳିକ ସୁବିଧାରୁ ବଞ୍ଚିତ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଆଜି ବି ବିକାଶ ଅପହଞ୍ଚ। ସରକାରୀ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧିଙ୍କ ପାଦ ପଡ଼ିନି। ଗାଁରେ କେହି ଜଣେବି ପଞ୍ଚମରୁ ଅଧିକ ପଢିନାହାନ୍ତି । ଖୋଲାକୂଅ ପାଣି ପିଅନ୍ତି। ରାସ୍ତା ଓ ବିଜୁଳି ଆଲୁଅ ସ୍ୱପ୍ନ। ଅନେକ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗ ଭତ୍ତା ସହ ରାସନ କାର୍ଡ଼ରୁ ବଞ୍ଚିତ। ମୌଳିକ ସୁବିଧାରୁ ବଞ୍ଚିତ ଏପରି ଏକ ଗାଁ ରହିଛି ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସୁନାବେଡ଼ା ପଞ୍ଚାୟତ ଢେକୁନପାଣି ଗାଁର ଟିକ୍ରାପଡ଼ା ପହରିଆପଡ଼ା। ସୁନାବେଡ଼ା ଅଭୟାରଣ୍ୟ ପହରିଆ ପଡ଼ାରେ ୧୨ଟି ପରିବାରରରେ ୫୦ରୁ ଅଧିକ ଲୋକେ ବସବାସ କରନ୍ତି। ଏହି ବସତିକୁ ଶହେ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ବି ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଯୋଜନା ସାତସପନ ହୋଇଛି। ଏଯାଏଁ ଗାଁକୁ ଜଣେ ବି ସରକାରୀ ଅଧିକାରୀଙ୍କ ପାଦ ପଡ଼ିନି। ପୁଣି ଗାଁର କେହି ଜଣେ ବି ପଞ୍ଚମରୁ ଅଧିକ ପାଠପଢି ନାହାନ୍ତି। ଏଠି ଭଲ ରାସ୍ତା, ବିଜୁଳି ସଂଯୋଗ ହୋଇନି। ଗୋଟିଏ ବି ଛାତ ଘରନାହିଁ। ବହୁବର୍ଷ ପୂର୍ବେ କାଡ଼ା ଯୋଜନାରେ କିଛି ଲୋକଙ୍କୁ ଘର ମିଳିଥିଲା। ଯାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ସଭିଏଁ ଚାଳକାଠ ଓ ମାଟି ତିଆରି ଛପରଘରେ ଆଶ୍ରୟ ନେଇଛନ୍ତି। ଭଙ୍ଗା ଦଦରା ଘରେ ଜୀବନ ବିତୁଛି। ଏଠି ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀରେ ୮ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଗାଁର ଭଣଗାମୁଣ୍ଡା ନାଳାରେ ପୋଲ ନିର୍ମାଣ ହୋଇନି ଓ ଅସରାଏ ବର୍ଷାରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ସ୍କୁଲକୁ ଶିକ୍ଷକ ଆସିପାରନ୍ତି ନାହିଁ ଓ ପାଠପଢା ବନ୍ଦ ହୁଏ। ଏବେ ଗାଁର ୭ ଜଣ ପିଲା ଅଧାରୁ ପାଠ ଛାଡ଼ି ଦେଇଛନ୍ତି। ଦୁଇ ଜଣ ଶିଶୁ ଅଙ୍ଗନବାଡ଼ିର ପୃଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଉଛନ୍ତି। ଗାଁରେ ବିଦ୍ୟୁତ ଖୁଣ୍ଟ ପୋତିବା ସହ ତା'ର ଟଣାହୋଇ ଘରେ ମିଟର ଲାଗିଛି। କିନ୍ତୁ, ବିଜୁଳିର ଦେଖାନାହିଁ। ସେହିପରି ବିଶୁଦ୍ଧ ପାନୀୟ ଜଳ ପାଇଁ ପାଇପ ପୋଡିବା ସହ ଷ୍ଟାଣ୍ଡପୋଷ୍ଟ ଓ ଟେପ ଲାଗିଛି। ହେଲେ ବିଶୁଦ୍ଧ ପାନୀୟ ଜଳ ସ୍ୱପ୍ନ ହୋଇରହିଛି। ଲୋକେ ଖୋଲାକୂଅର ପାଣି ପିଉଛନ୍ତି। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ପରିବାର ଚଳାନ୍ତି। କନ୍ଦମୂଳ ଏମାନଙ୍କ ମୁଖ୍ୟଖାଦ୍ୟ। ବାଉଁଶ ତିଆରି ସାମଗ୍ରୀ ବିକ୍ରିକରି ରୋଜଗାର କଲେ ପରିବାର ଚଳେ। ଆଜି ବି ମଧାହ୍ନ ଭୋଜନରେ ବାସିପଖାଳ ଭାତ ଓ ଶାଗ ନିତିଦିନିଆ ଖାଦ୍ୟ। ସରକାରୀ ଯୋଜନାକୁ ଘରେ ପହଞ୍ଚାଇବାକୁ ସରକାର ଉଦ୍ୟମ କରୁଛନ୍ତି। କିନ୍ତୁ, ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଗାଁର ଏକ ଯୋଗ୍ୟ ପରିବାର ରାସନକାର୍ଡ଼ରୁ ବଞ୍ଚିତ। କମଳା ପହରିଆ ଦିବ୍ୟାଙ୍ଗ ଭତ୍ତା ଓ ୩ ଜଣ ବୃଦ୍ଧବୃଦ୍ଧା ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଜଙ୍ଗଲ ଅଧିବାସୀ ପହରିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ମିଳିଛି। ଫଳରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଜଙ୍ଗଲ ଜମି ଅଧିକାର ବି ମିଳୁନି। ଏଣୁ ତୁରନ୍ତ ଗାଁ ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବାକୁ ନଲସିଂ ପହରିଆ, ସନ୍ଧରୀବାଈ ପହରିଆ, କମଳା ପହରିଆ ପ୍ରମୁଖ ଦାବି କରିଛନ୍ତି।

ଏନେଇ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ମୁଁ ନିଜେ ପହରିଆପଡ଼ାକୁ ଯିବି। ସେଠି ସବୁ ସୁବିଧା ଅସୁବିଧା ବୁଝିବା ସହ ସମସ୍ତ ସମସ୍ୟାର ସମାଧାନ କରିବୁ ବୋଲି କହିଛନ୍ତି।

# ରାସ୍ତାରେ ବାହାରିଛି ମେଷ୍ଟାଲ : ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ଲୋକେ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବାଉରିପଦା ପଞ୍ଚାୟତର କୁସପଦା ଗ୍ରାମଠାରୁ ମହାଦେଇପୁର, କେନ୍ଦୁସଡ଼ା ଓ କଟିଡ଼ା ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ଲମ୍ବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଦୟନୀୟ ଅବସ୍ଥା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଦୈନିକ ଯନ୍ତ୍ରଣାର କାରଣ ହୋଇପଡ଼ିଛି । ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ମାତ୍ର ୫ କିଲୋମିଟରରେ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଠାରୁ କେବଳ ୧ କିଲୋମିଟର ଦୂରରେ ଅବସ୍ଥିତ ଏହି ମୁଖ୍ୟ ସଡ଼କଟି ଏବେ ଅବହେଳାର ସ୍ପଷ୍ଟ ଉଦାହରଣ ହୋଇପଡ଼ିଛି । ସଡ଼କର ଅଧିକାଂଶ ସ୍ଥାନରୁ ପିଚୁ ସମ୍ପୂର୍ଣ୍ଣ ଭାବେ ଉଠିଯାଇ ତଳର ମେଷ୍ଟାଲଗୁଡ଼ିକ ବାହାରକୁ ମୁନିଆଁ ହୋଇ ରହିଛି । ଏହାର ଫଳରେ ରାସ୍ତାଟି ଏକ ପଥର ଗଦା ପରି ଦେଖାଯାଉଛି ଓ ଯାତାୟାତ କରିବା ଦୁର୍ବିସହ ହୋଇପଡ଼ିଛି । ବାଇକ୍ ଓ ସାଇକେଲ ଚାଳକମାନେ ବାରମ୍ବାର ପଙ୍କଚର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଚାରିଚକିଆ ଯାନ ଓ ବସ୍ ଚଳାଚଳ ସମୟରେ ଚକରୁ ଛିଟିକି ପଡୁଥିବା ମେଷ୍ଟାଲଗୁଡ଼ିକ ଅନ୍ୟ ଯାତ୍ରୀଙ୍କ ପାଇଁ ଭୟଙ୍କର ବିପଦ ସୃଷ୍ଟି କରୁଛି । ବିଶେଷକରି ଛାତ୍ରଛାତ୍ରୀ ମାନେ ପ୍ରତିଦିନ ବିଦ୍ୟାଳୟ ଓ କଲେଜ ଯିବା ଆସିବା କରୁଥିବାରୁ ଅଭିଭାବକ ମାନଙ୍କ ମନରେ ଗଭୀର ଚିନ୍ତା ଓ ଆତଙ୍କ ସୃଷ୍ଟି ହୋଇଛି । ପୂର୍ବରୁ ଏହି ରାସ୍ତାରେ ଅନେକ ଲୋକ ଆହତ ହୋଇ ଖଣ୍ଡିଆ-ଖାବରା ହୋଇଥିବା ଘଟଣା ସ୍ଥାନୀୟ ଲୋକଙ୍କୁ ଅଧିକ ଉଦ୍‌ବେଗ କରୁଛି ଜିଲ୍ଲାରୁ ହଜାର ହଜାର କୋଟି ଟଙ୍କା ଖଣିଜ ପାଣ୍ଠି ରାଜ୍ୟ କୋଷାଗାରକୁ ଯାଉଥିବା ସତ୍ତ୍ୱେ ଗ୍ରାମାଞ୍ଚଳର ଏହି ପ୍ରମୁଖ ସଡ଼କର ଏପରି ଦୁରବସ୍ଥାକୁ ସ୍ଥାନୀୟ ଲୋକେ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ଶୀଘ୍ର ସଡ଼କର ମରାମତି ଓ ପୁନର୍ନିର୍ମାଣ କାମ ଆରମ୍ଭ ନହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି ।

# ଅଜିତ କିଶୋର ଚଳାନ ହେଲେ ଜିଲ୍ଲା ସାଧାରଣ ସମ୍ପାଦକ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଗୋଇମୁଣ୍ଡି ଗ୍ରାମର ଅଜିତ କିଶୋର ଚଳାନ ନୂଆପଡ଼ା ଜିଲ୍ଲା ଭାରତୀୟ ଜନତା ପାର୍ଟିର ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତି ହୋଇଛନ୍ତି । ଶ୍ରୀ ଚଳାନ ନୂଆପଡ଼ା ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତି ହୋଇଥିବାରୁ ଶୁଭେଚ୍ଛୁ ମହଲରୁ ଅଭିନନ୍ଦନ ବାର୍ତ୍ତାର ସୁଅ ଛୁଟୁଛି । ସୂଚନା ଥାଉକି ଶ୍ରୀ ଚଳାନ ନୂଆପଡ଼ା ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚାର ସଭାପତି ପଦବିକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ । ତାଙ୍କର ଏହି କାର୍ଯ୍ୟ ଦକ୍ଷତାକୁ ସମ୍ମାନ ଜଣାଇ ବିଜେପି ପକ୍ଷରୁ ନିଯୁକ୍ତି ଦେଇ ଥିବାର ସୂଚନା ମିଳିଛି ।

# ଗୋନାସିକା ମହୋତ୍ସବରେ କବିତା ପାଠୋତ୍ସବ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ଗୋନାସିକା ମହୋତ୍ସବରେ କବିତା ପାଠୋତ୍ସବ ମିଳନୀର ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ନଗରଭବନରେ ଅନୁଷ୍ଠିତ ହୋଇଯାଇଛି।

ପ୍ରାରମ୍ଭରେ ପଣ୍ଡିତ ରଙ୍ଗାଧର ବେହେରାଙ୍କ ବେଦମନ୍ତ୍ର ପାଠ ମଧ୍ୟରେ ଅତିଥିମାନେ କେନ୍ଦୁଝରର ରାଷ୍ଟ୍ରଦେବୀ ମାଆ ତାରିଣୀଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ ଓ ଧୂପଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ସମ୍ପାଦକ କବି ଡକ୍ଟର୍ ଚିତ୍ତ ରଞ୍ଜନ ମିଶ୍ର ସଂପାଦକୀୟ ସୂଚନା ପ୍ରଦାନ କରିବା ଅବସରରେ ବାଣୀସାଧକଙ୍କୁ ସ୍ୱକୀୟତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ। ଅଧ୍ୟାପକ କୈଳାସ ଚନ୍ଦ୍ର ସାହାଣୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷାରେ କବି ସାହିତ୍ୟିକଙ୍କ ଭୂମିକାର ଭୂୟସୀ ପ୍ରଶଂସା କରିଥିଲେ। କବି ଦେବାଶିଷ ଚକ୍ରବର୍ତ୍ତୀ ତାଙ୍କର ସଭାପତୀୟ ଅଭିଭାଷଣରେ କେନ୍ଦୁଝରର ଗାରିମା ସମ୍ପର୍କରେ ସାର ଗର୍ଭକ ଆଲୋଚନା କରିବା ସହିତ ବାଣୀସାଧକଙ୍କୁ ମସୀ ସଂଗ୍ରାମ ଅନାହତ ରଖିବାକୁ ଆହ୍ୱାନ ଦେଇଥିଲେ। କବୟିତ୍ରୀ ଇନ୍ଦୁମତୀ ପାତ୍ର ଓ ଶୋଭନା ଜେନାଙ୍କ ସଂଯୋଜନା ରେ ଚିନ୍ତାମଣି ମହାଳିକ, ପିନାକୀ ମିଶ୍ର, ଅକ୍ଷୟ କୁମାର ବାରିକ୍, ବିରଞ୍ଚି ସାମନ୍ତରାୟ, ମମତାରାଣୀ ଦାସ, ଗୀତାରାଣୀ ଦାଶ, ବିଜୟଲକ୍ଷ୍ମୀ ମହାନ୍ତି, ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ମନରଞ୍ଜନ ମହାନ୍ତି, କୈଳାସ ଚନ୍ଦ୍ର ତନ୍ତୀ, ବେଣୁଧର ସାହୁ, ଜିତେନ୍ଦ୍ର ପରିଡ଼ା, ସୁଜିତ ମିଶ୍ର, ମନ୍ଦାକିନୀ କର, ଆର୍ଯ୍ୟବାଳା ମହାପାତ୍ର, ସନ୍ତୋଷିନୀ ଦାଶ (ଗିରି), ବୀଣାପାଣି ଜେନା, ଲିପିକା ଦାସ ପଟ୍ଟନାୟକ, ଡାକ୍ତର ଭାରତୀ ମହାପାତ୍ର, ନିରୁପମା ବେହେରା, ଜ୍ୟୋତ୍ସ୍ନା ପାଢ଼ୀ,ଡକ୍ଟର୍ ବିପିନ୍ ବିହାରୀ ମହାପାତ୍ର, ଡମ୍ବରୁ ମହାନ୍ତ, ଋଷିନାଥ ମହାନ୍ତ, ରାମଚନ୍ଦ୍ର ସାହୁ, ଚିନ୍ମୟ ସାହୁ, ଦେବ ଦର୍ଶନ ଦାଶ, ଶାନ୍ତନୁ କୁମାର ମହାପାତ୍ର, କରୁଣାକର ବାରିକ୍, ଅଧିକାରୀ ବାରିକ୍, ଦେବାଶିଷ ମହାନ୍ତ, ଧ୍ରୁବାନନ୍ଦ ରାଉତ, ପ୍ରାଧ୍ୟାପକ ଜଗନ୍ନାଥ ଜେନା, ବୈକୁଣ୍ଠନାଥ ମହାନ୍ତ, ହରେକୃଷ୍ଣ ବେଜ, ଭାବଗ୍ରାହୀ ମହାନ୍ତ, ଚମ୍ପକେଶ୍ୱର ଜିତ୍, ପ୍ରତାପ କର୍ମକାର ପ୍ରମୁଖ ବହୁ କବି କବିତା ଆବୃତ୍ତି କରିଥିଲେ। ପରିଶେଷରେ ମିଳନୀ ର ଯୁଗ୍ମ ସମ୍ପାଦକ କବି ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧିଷ୍ଠାତ୍ରୀ ମା' ଭଗବତୀ ମନ୍ଦିରରେ ଲାଗିବ ୨ଟି ତୋପ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ଅଧିଷ୍ଠାତ୍ରୀ ମା' ଭଗବତୀ ମନ୍ଦିରରେ ୨ଟି ତୋପ ଲାଗିବ। ମା'ଙ୍କ ଅସ୍ତ୍ର ରୂପେ ପୂଜା ପାଇବେ । ରାଜ ରାଜୁଡ଼ା ଅମଳରେ ତୋପ ମା' ଅସ୍ତ୍ର ହୋଇ ରହିଛି। ଆଜି ବି ସୂର୍ଯ୍ୟ ମହଲରେ ଓ ରାଜ ମହଲରେ ତୋପ ପୂଜା ପାଉଛନ୍ତି। ଏନେଇ ମା' ଭଗବତୀ ମନ୍ଦିରରେ ୨ଟି ତୋପ ପହଞ୍ଚିଛି ମନ୍ଦିର ସମ୍ମୁଖରେ ଥିବା ଦୁଇଟି ସିଂହ ନିକଟରେ ତୋପକୁ ସ୍ଥାପିତ କରାଯିବ ବୋଲି ମା' ଭଗବତୀ ମନ୍ଦିର କମିଟି ତରଫରୁ ସୂଚନା ଦିଆଯାଇଛି ।

# ଗିରିଗାଁରୁ ବେଧଡ଼କ ବାଲି ଲୁଟ୍ : ବାରମ୍ବାର ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ

**ଘଟଗାଁ, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ପୁଣି ଆରମ୍ଭ ହୋଇଛି ବାଲି ଲୁଟ୍। ଦୁଇ ମାସ ହେବ ଆନନ୍ଦପୁର ଉପଖଣ୍ଡର ବାଲି ଲୁଟ୍ ଅନେକାଂଶରେ କମି ଥିଲା। ହେଲେ ସପ୍ତାହେ ହେବ ବିଭିନ୍ନ ନଦୀରୁ ବାଲି ଲୁଟ୍ ହେଉଥିବା ଦେଖିବାକୁ ମିଳିଛି।



ହାଟଡିହି ତହସିଲ ଅଧୀନ ଗିରିଗାଁ ବୈତରଣୀ ନଦୀ ଘାଟରୁ ପୁଣି ବାଲି ଲୁଟ୍ ଆରମ୍ଭ ହୋଇଛି। ୩ଟି ବଡ଼ ବଡ଼ ମେସିନ ସାହାଯ୍ୟରେ ସନ୍ଧ୍ୟାରୁ ଭୋର୍ ପର୍ଯ୍ୟନ୍ତ ବାଲି ଲୁଟ୍ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିଦିନ ୧୦୦ରୁ ଅଧିକ ବଡ଼ ବଡ଼ ହାଇୱା ଯୋଗେ ଏଠାରୁ ବାଲି କଲିକତା ଓ ଝାଡ଼ଖଣ୍ଡକୁ ବେଆଇନ ପରିବହନ ହେଉଛି। ସବୁଠାରୁ ବଡ଼ କଥା ହେଉଛି ଏହି ଘାଟ ଚଳାଇବାକୁ ଏଯାଏ ଅନୁମତି ମିଳି ନାହିଁ। ଖଣି, ରାଜସ୍ୱ, ଜଙ୍ଗଲ ଓ ପରିବେଶ ବିଭାଗର ଅଧିକାରୀଙ୍କ ଜାଣତରେ ବାଲି ଲୁଟ୍ ହେଉଥିଲେ ମଧ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ।

ସେହିପରି ଆନନ୍ଦପୁର ତହସିଲ ଅଧୀନ ବେଲବାହାଳି କୁସେଇ ନଦୀରୁ ବାଲି ଚୋରି ଆରମ୍ଭ ହୋଇଛି। ମାଫିଆ ମାନେ ସନ୍ଧ୍ୟା ୬ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବଡ଼ ବଡ଼ ମେସିନ ସାହାଯ୍ୟରେ ନଦୀରୁ ବାଲି ଉଠାଉ ଥିବା ଦେଖିବାକୁ ମିଳିଛି। ପ୍ରତିଦିନ ଏଠାରୁ ୫୦ରୁ ଅଧିକ ହାଇୱା ଯୋଗେ ବାଲି ପରିବହନ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଆନନ୍ଦପୁର ତହସିଲ ଅଧିନ ଜଙ୍ଗଲ ମଝିରେ ଥିବା ବୁଢ଼ୀକୁଦ ଠାରେ ବୈତରଣୀ ନଦୀରୁ ବେଆଇନ ବାଲି ଉତୋଳନ ଓ ପରିବହନ ହେଉଛି। ଏଠାରୁ ପ୍ରଥମେ ଟ୍ରାକ୍ଟର ଯୋଗେ ବାଲି ଲୋଡ୍ କରାଯାଇ ପାହାଡ଼ର ଅପରପର୍ଶ୍ୱକୁ ଅଣାଯାଇଛି। ସେଠାରୁ ମେସିନ ଯୋଗେ ହାଇୱାରେ ବାଲି ପରିବହନ କରାଯାଉଥିବା ଦେଖିବାକୁ ମିଳୁଛି।

କିଛିଦିନର ନୀରବତା ପରେ ଆନନ୍ଦପୁର ଅଞ୍ଚଳରେ ପୁଣି ବାଲି ମାଫିଆ ମାତି ଥିବା ପରିଲକ୍ଷିତ ହେଉଛି। ତୁରନ୍ତ ମାଫିଆଙ୍କୁ ଗିରଫ କରିବା ସହ ବିଭିନ୍ନ ନଦୀରୁ ଲୁଟ୍ ହୋଇଥିବା ବାଲିର ପରିମାଣକୁ ଆକଳନ କରି ଜରିମାନା ଆଦାୟ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ସେହିପରି ଏହି ଅପରାଧକୁ ମିଳିତ ଗୋଷ୍ଠୀଗତ ଅପରାଧ ଭାବେ ବିବେଚନା କରାଯାଇ ଆଇନ ଅନୁସାରେ ଦଣ୍ଡ ବିଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ଇଂରାଜୀ ପୁସ୍ତକ 'ମାଏ ହାର୍ଟ ସ୍ୱିକ୍ସ' ଉନ୍ମୋଚିତ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଗାନ୍ଧି ପାଠାଗାର ପରିସରରେ ଅତିଥିମାନଙ୍କ ଦ୍ୱାରା ନନ୍ଦ କିଶୋର ଦାଶଙ୍କ ଲିଖିତ ଇଂରାଜୀ ପୁସ୍ତକ 'ମାଏ ହାର୍ଟ ସ୍ୱିକ୍ସ' ଉନ୍ମୋଚିତ ହୋଇ ଯାଇଛି। କବି ଓ ଗାଳ୍ପିକ ରୋହିତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉନ୍ମୋଚନ ସଭାରେ ଆଇଆଇଏମ ସମ୍ବଲପୁର କଲେଜର ପ୍ରାଧ୍ୟାପକ ଡ. ସୁଜିତ ପୃଷ୍ଟେଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକଟିର ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ। ଲେଖକ ନନ୍ଦ କିଶୋର ଦାଶ କେମିତି ତାଙ୍କ ପତ୍ନୀ ଦ୍ୱାରା ପ୍ରେରିତ ହୋଇ ଏ ପୁସ୍ତକ ରଚନା କରିଥିଲେ ସେ ସମ୍ପର୍କରେ କହିଥିଲେ। ପଞ୍ଚାୟତ କଲେଜର ସହକାରୀ ପ୍ରାଧ୍ୟାପକ ମାନ ଭଞ୍ଜନ ପାଣିଗ୍ରାହୀ ପୁସ୍ତକଟିର ସମୀକ୍ଷା କରି ଏହାର ବିଭିନ୍ନ ଦିଗକୁ ପାଠକଙ୍କ ସାମ୍ନାରେ ଉପସ୍ଥାପିତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ବ୍ୟଙ୍ଗ କବି ମନୋରଞ୍ଜନ ସାହୁ ଲେଖକଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। କବି ମନୋରଞ୍ଜନ ମେହେର ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ଆଦ୍ୟା ଅନ୍ୱେଷା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଙ୍କଜିନୀ ଗୁରୁ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ଓ ଡ. ତପସ୍ୱିନୀ ଗୁରୁ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଅନାମିକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବରଗଡ଼ ତଥା ଆଖ ପାଖ ଅଞ୍ଚଳର ଶତାଧିକ କବି, ଲେଖକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସଭାରେ ମଞ୍ଚାସୀନ ଅତିଥିଙ୍କ ସହ ଉପସ୍ଥିତ ଡ. ଦୁର୍ବାଦଳ ମେହେର ଡ. ମନୋଜ ମହାପାତ୍ର, ଯଜ୍ଞ କୁମାର ଦାଶ ଆଦି ଅନେକ ବୁଦ୍ଧିଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଭଗତ କଠାର ଓ ପ୍ରଦୀପ କୁମାର ଦାଶ ସଭା ଆୟୋଜନରେ ସାହାଯ୍ୟ କରିଥିଲେ।

# ଶୃଙ୍ଖଳା ହିଁ ସଫଳତାର ଚାବିକାଠି : ବିଧାୟକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରା ଳ ଅନ୍ତର୍ଗତ ଖଡ଼ିଅଙ୍ଗ ଗ୍ରାମରେ ଅବସ୍ଥିତ ଅଗ୍ରଣି ଶିକ୍ଷାନୁଷ୍ଠାନ ଅଙ୍କୁର ଶିକ୍ଷାନିକେତନର ୩୫ତମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ପରିଚାଳନା କମିଟିର ସଭାପତି ଡ. ରତ୍ନମରୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତକୁ ଲକ୍ଷ୍ୟ ରଖି ପାଠ ପଢିବାକୁ ପରାମର୍ଶ ଦେବା ସହିତ ଶୃଙ୍ଖଳାହିଁ ସଫଳତାର ମୂଳମନ୍ତ୍ର ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ଆଖୁଆ ଓଡଙ୍ଗ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବଳରାମ ଲେଙ୍କା ଯୋଗ ଦେଇଥିବା ବେଳେ ୧୧ ନଂ ୱାର୍ଡ ପୌର ସଦସ୍ୟା ପୁଷ୍ପାଞ୍ଜଳି ବସ୍ତିଆ, ବୀଣାପାଣୀସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଲେଙ୍କା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ଅମର ପ୍ରସାଦ ସିଂବାର୍ଷିକ ବିବରଣୀ ପାଠ କରିବା ସହିତ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତହେବାସହିତ 'କମେଡିଆନ୍ ନଟିଆ' ଏହି କାର୍ଯ୍ୟକ୍ରମରେ ନିଜର କଳା କୌଶଳ ପ୍ରଦର୍ଶନ କରିଥିଲେ।

# ସୋନପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ଦାବିରେ ଦସ୍ତଖତ ଅଭିଯାନ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୋନପୁରର ସର୍ବ ପୁରାତନ ମହାବିଦ୍ୟାଳୟ ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ଦାବିରେ ଏକ ଦସ୍ତଖତ ଅଭିଯାନ ହୋଇଯାଇଛି। ସୋନପୁର କଲେଜର ୧୯୬୯ ମସିହା ଛାତ୍ର ମଧୁସୂଦନ ମିଶ୍ର, ସତ୍ୟନାରାୟଣ ମିଶ୍ର ଓ କଲ୍ୟାଣ ପାଢ଼ୀଙ୍କ ସହିତ ପୂରାତନ ଛାତ୍ର ସଂଘର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ଏହାକୁ ଆରମ୍ଭ କରିଥିଲେ। ଆଲୁମିନୀ ସଂଘର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଭାରତ ଭୂଷଣ ଦାଶ, ସରୋଜ ପ୍ରଧାନ, ଶ୍ୟାମାଓଁ ପ୍ରସାଦ ମିଶ୍ର, ସୁଧାଂଶୁ ମିଶ୍ର, ସୁଧୀର ପଣ୍ଡା, ଶାଶ୍ୱତ ମିଶ୍ର, ନିଶାନ୍ତ ମହାନ୍ତି, ଅଭିଷେକ ଶର୍ମା, ପ୍ରକାଶ ସାହୁ, ମନୋରଞ୍ଜନ ତ୍ରିପାଠୀ, ସ୍ୱରୂପ ପାତ୍ର, ଗୌରୀ ଶଙ୍କର ରଥ ପ୍ରମୁଖ ବହୁ ସଦସ୍ୟ ସାମିଲ ଥିଲେ।

# ମାଟିମୂର୍ତ୍ତି କଳାକାରମାନଙ୍କ ସମସ୍ୟା ସମାଧାନ ପାଇଁ ଦାବି

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ହରିଶଙ୍କର ଠାରେ ପଶ୍ଚିମ ଓଡ଼ିଶା ମାଟିମୂର୍ତ୍ତି କଳାକାର ମହାସଂଘ ଅନୁକୂଲ୍ୟରେ ପବିତ୍ର ପୀଠ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଖପ୍ରାଖୋଲ, ପଦମପୁର ପାଇକମାଲ, କୋମନା, ଗାଇସିଲେଟ, ଝାରବନ୍ଧ ବ୍ଲକ୍‌ର ମାଟିମୂର୍ତ୍ତି କଳାକାର ମାନେ ବହୁସଂଖ୍ୟାରେ ଯୋଗଦେଇଥିଲେ। ସଭାରେ ନରେଶ ପୋଡ଼ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ତିକେଶ୍ୱର ହୋତା,ଏବଂ ସମ୍ମାନିତ ଅତିଥି ସୁଖିରାମ୍ ଷାଣ୍ଢ ଉପସ୍ଥିତ ଥିଲେ। ସଭାରେ କଳାକାରମାନେ ତାଙ୍କର ବୃଦ୍ଧା ସମୟରରେ କେମିତି ସରକାରଙ୍କ ଠାରୁ ଭତ୍ତା ପାଇବେ ସେ ଉପରେ ଆଲୋଚନା ହୋଇଥିଲା ଏବଂ ଆଗାମୀ ଦିନରେ ପ୍ରତ୍ୟେକ ବ୍ଲକ୍‌ରେ ମୂର୍ତ୍ତିସଂଘ ଗଠନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସଭାରେ ନୀଳମଣି ସାହୁ, ରାମାନନ୍ଦ୍ ଦାସ, ବଳଦେବ ରଣା, ପଶ୍ଚିମ ଓଡ଼ିଶା ମାଟିମୂର୍ତ୍ତି କଳାକାର ମହସଂଘ ଆନୁକୂଲ୍ୟରେ ପବିତ୍ର ପୀଠ ହରିଶଙ୍କର ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାରେ ଖପ୍ରାଖୋଲ, ପଦମପୁର ପାଇକମାଲ, କୋମନା, ଗାଇସିଲେଟ ଝାରବନ୍ଧ ବ୍ଲକ୍‌ର ମାଟିମୂର୍ତ୍ତି କଳାକାରମାନେ ଯୋଗଦେଇଥିଲେ। ସଭାରେ ନରେଶ ପୋଡ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ତିକେଶ୍ୱର ହୋତା ଏବଂ ସମ୍ମାନିତ ଅତିଥି ସୁଖିରାମ୍ ଷାଣ୍ଢ ଉପସ୍ଥିତ ଥିଲେ। ସଭାରେ କଳାକାର ମାନେ ତାଙ୍କର ବୃଦ୍ଧ ବସ୍ତାରେ କେମିତି ସରକାରଙ୍କ ଠାରୁ ଭତ୍ତା ପାଇବେ ସେ ଉପରେ ଆଲୋଚନା ହୋଇଥିଲା ଏବଂ ଆଗାମୀ ଦିନରେ ପ୍ରତ୍ୟେକ ବ୍ଲକ୍‌ରେ ସଂଘ ଗଠନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

# ମାଇକ୍ରୋୱେଭ ଅଫିସ୍‌ରେ ଆଡ୍ଡା ଜମାଉଛନ୍ତି ନିଶାଡ଼ି ଓ ଅପରାଧୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତଜଇପୁରା (ଖଡ଼ିଅଙ୍ଗ) ଗ୍ରାମରେ ଥିବା ମାଇକ୍ରୋୱେଭ ଅଫିସ ଏବେ ଗୁହାଳ ଘର, ନିଶାଡ଼ି ଓ ଅପରାଧୀଙ୍କ ଆଡ୍ଡାସ୍ଥଳ ପାଲଟିଛି । ୧୯୯୮ ମସିହାରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ୱାକଫ ସମ୍ପତ୍ତିରେ ତିଆରି ହୋଇଥିବାଏହି ଅଫିସଟି କାଳକ୍ରମେ ବନ୍ଦ ହୋଇଯିବା ପରେ ଏହାର ଉଭୟ ପାର୍ଶ୍ୱରେ ୯୦ ଫୁଟଉଚ୍ଚର ଉଚ୍ଚ ସମ୍ପନ୍ନ ଟେଲିଫୋନ ଟାୱାର ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଫଳରେ ଟେଲିଫୋନ (ଲ୍ୟାଣ୍ଡଫୋନ) ଯୋଗାଯୋଗରେ ସୁବିଧା ହୋଇଥାନ୍ତା। କିନ୍ତୁ ଏହା କାର୍ଯ୍ୟକାରୀ ନ ହେବାରୁ ବିଭାଗ ଏହାକୁ ଟେଲିଫୋନ ବିଭାଗକୁ ହସ୍ତାନ୍ତର କରିଦେଇଛି। ଦୀର୍ଘ ୨୦ ବର୍ଷ ହେବ ଟେଲିଫୋନ ବିଭାଗ ଏଥିପ୍ରତି ଦୃଷ୍ଟି ନଦେବାରୁ ଏହା ଭିତରେ ଥିବା ମୂଲ୍ୟବାନ ସାମଗ୍ରୀକୁ ଅପରାଧୀମାନେ ଲୁଟିନେଇଥିବା ବେଳେ ଝରକା କବାଟ ସବୁ ଭାଙ୍ଗି ଅଫିସ ଭିତରେ ମଦୁଆ ଓ ନିଶାଡ଼ି ଅପରାଧୀମାନଙ୍କ ଆଡ୍ଡା ପାଲଟିଛି । ଏହା ପାଖରେ ଥିବା କାର୍ଯ୍ୟାଳୟ ଘର ମଧ୍ୟରେ ଗୁହାଳ କରି ସ୍ଥାନୀୟ ଲୋକେ ଗାଈ, ଛେଳି, ମେଣ୍ଢା ଆଦି ବାନ୍ଧୁଛନ୍ତି। ବଡ଼ବଡ଼ ଅପରାଧ ଘଟାଇ ଅପରାଧୀମାନେ ଏହା ଭିତରେ ରାତିରେ ଆଶ୍ରୟ ନେଉଥିବା ବେଳେ ଅନୈତିକ କାର୍ଯ୍ୟରେ ଲିପ୍ତ ରହିଥାନ୍ତି। ଏହି ବାଟ ଦେଇ ଯିବା ଆସିବା କରୁଥିବା ଗ୍ରାମବାସୀ ଏମାନଙ୍କର ଆକ୍ରୋଶର ମଧ ଶିକାର ହେଉଛନ୍ତି । ତୁରନ୍ତ ଏହି ପରିତ୍ୟକ୍ତ ମାଇକ୍ରୋୱେଭ ଅଫିସକୁ କାର୍ଯ୍ୟରେ ଲଗାଇବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରୋଟାରୀ କ୍ଲବ୍ ତରଫରୁ କମ୍ବଳ ବଣ୍ଟନ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ରୋଟାରୀ କ୍ଲବ୍ କଟକ ଅଭିନବ ଏବଂ ଆରସିସି କୁଜିବର ଆନୁକୂଲ୍ୟରେ କୁଜିବର ଗ୍ରାମର ବୟସ୍କ ବ୍ୟକ୍ତି ବିଶେଷ ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କ୍ଲବ୍ ସଭାପତି ଜୀବନ ପଟ୍ଟନାୟକ ଓ ସମ୍ପାଦିକା ମନୋରମା ଜେନାଙ୍କ ନେତୃତ୍ୱରେ ଏକ ଦଳ କୁଜିବର ଗ୍ରାମରେ ପହଞ୍ଚି ଗ୍ରାମର ବୟସ୍କ ମହିଳା ଓ ପୁରୁଷଙ୍କୁ ୫୦ରୁ ଊର୍ଦ୍ଧ୍ୱ କମ୍ବଳ ବଣ୍ଟନ କରିଥିଲେ। ରୋଟାରିଆନ୍ ପ୍ରଦୀପ୍ତା ନାୟକ, ସୁଧାଂଶୁ ଶେଖର ଜେନା, ସୀମାଞ୍ଚଳ ନାୟକ, ଆରସିସିର ଉମେଶ ଚନ୍ଦ୍ର ସାହାଣୀ, ଅନ୍ତର୍ଯ୍ୟାମୀ ଦାସ, ସତ୍ୟଭାମା ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବାସୁଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଆତ୍ମନିର୍ଭର ଭାରତ – ସ୍ୱଦେଶୀ ଅଭିଯାନ ଓ ଭାରତୀୟ ଜ୍ଞାନ ପ୍ରଣାଳୀ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ମହାବିଦ୍ୟାଳୟ ଉନ୍ନୟନ ପରିଷଦ ପକ୍ଷରୁ ଦୁଇ ଦିନିଆ ଆତ୍ମନିର୍ଭର ଭାରତ – ସ୍ୱଦେଶୀ ଅଭିଯାନ ଓ ମେଳା ସହ ଭାରତୀୟ ଜ୍ଞାନ ପ୍ରଣାଳୀ (ଆଇ.କେ.ଏସ)ର କର୍ମଶାଳା ସଫଳତାର ସହିତ ସମ୍ପନ୍ନ ହୋଇ ଯାଇଛି। ଦେଶୀୟ ଜ୍ଞାନ, ଆଞ୍ଚଳିକ ପରମ୍ପରା ଓ ଆତ୍ମନିର୍ଭରତାର ମନୋଭାବକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ପ୍ରଥମ ଦିନର କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଏକ ଫଟୋଚିତ୍ର ପ୍ରଦର୍ଶନୀର ଉଦ୍‌ଘାଟନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ସଭାରେ ପ୍ରଫେସର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ନିଜ ଅଧକ୍ଷୀୟ ଭାଷଣରେ ଆଧୁନିକ ଶିକ୍ଷାରେ ଭାରତୀୟ ଜ୍ଞାନ ପ୍ରଣାଳୀର ପ୍ରାସଙ୍ଗିକତାକୁ ଉଲ୍ଲେଖ କରିଥିଲେ। ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ ଅଗ୍ରୱାଲ କର୍ମଶାଳା ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶେଷଜ୍ଞ ଓ ମୁଖ୍ୟବକ୍ତା ଭାବେ ଡ଼କ୍ଟର ଗୋପାକୃଷ୍ଣ ଆଚାର୍ଯ୍ୟ, (ଅଧକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର) ଙ୍କ ଦ୍ୱାରା "ଓଡ଼ିଶାର ଆଞ୍ଚଳିକ ଜ୍ଞାନ ପ୍ରଣାଳୀ ଓ ଜଗନ୍ନାଥ ସଂସ୍କୃତି" ଏବଂ ସମ୍ମାନିତ ଅତିଥି ଭାବେ ଗଜେନ୍ଦ୍ର ପ୍ରସାଦ ସାହୁ, (ଖ୍ୟାତନାମା ଚିତ୍ରକର ଓ କଳାକାର, ଭୁବନେଶ୍ୱର)ଙ୍କ ଦ୍ୱାରା "ଓଡ଼ିଶାର ଲୋକକଳା ଓ ଲୋକଜୀବନୀ" ବିଷୟରେ ଆଲୋଚନା କରାଯାଇ ଥିଲା। ଅପରାହ୍ନ ଅଧିବେଶନରେ ପ୍ରଦର୍ଶନୀ ସହିତ ବକ୍ତୃତା ପ୍ରତିଯୋଗିତା, ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ଓ ଫଟୋଗ୍ରାଫି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଯାହା ସହକାରୀ ଅଧାପିକା ଜୀନାପ୍ରିୟଙ୍କା ଜେଠୀ, ରଶ୍ମିରେଖା ରାଉତ ଓ ଶିଖାଶ୍ରୀ ରାୟ ସମନ୍ୱୟ କରିଥିଲେ। ଏଥିସହ ଦ୍ୱିତୀୟ ଦିନର ଆୟୋଜିତ କାର୍ଯ୍ୟକ୍ରମ ଅନ୍ତର୍ଗତ, ବିଶ୍ୱବିଦ୍ୟାଳୟ ପରିସରରେ ପ୍ରାତଃକାଳୀନ ବ୍ୟବହାରିକ ଯୋଗାଭ୍ୟାସ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭାରତୀୟ ଜ୍ଞାନ ପ୍ରଣାଳୀ ସମ୍ପର୍କିତ ପ୍ରାଯୁକ୍ତିକ ଅଧିବେଶନ କୁଳପତିଙ୍କ ଅଧକ୍ଷତାରେ ତଥା ପ୍ରଫେସର ଡକ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟଙ୍କ ପ୍ରାରମ୍ଭିକ ଉଦ୍‌ବୋଧନ ଦ୍ୱାରା ଆରମ୍ଭ ହୋଇଥିଲା। ଏଥିସହ ଭଦ୍ରକ ସ୍ୱୟଂଶାସିତ କଲେଜର ଭୌତିକବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ରଜତ କୁମାର ପ୍ରଧାନ ଉପସ୍ଥିତ ହୋଇ ଯୋଗ, ଆୟୁର୍ବେଦ, ଗଣିତ ଓ ଭୂଗୋଳ ବିଜ୍ଞାନ ସମେତ ପାରମ୍ପରିକ ବିଜ୍ଞାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଖ୍ୟାତନାମା ବୈଜ୍ଞାନିକ ଡ଼କ୍ଟର ଶ୍ୟାମସୁନ୍ଦର ରାଠୀ ଓ ଫାଇଭ୍-ଜି ଫାର୍ମିଂର ବରିଷ୍ଠ କନସଲଟାଣ୍ଟ ଡକ୍ଟର ସୁଭାଶୀଷ ବଳ କୃଷି କ୍ଷେତ୍ରରେ ଦେଶୀୟ ପ୍ରଯୁକ୍ତି ଉପରେ ବିଶେଷ ଆଲୋକପାତ କରିଥିଲେ। ପୁରସ୍କାର ବିତରଣ ସହିତ ସମାପନୀ ସଭାରେ କାର୍ଯ୍ୟକ୍ରମର ଶେଷ ହୋଇଥିଲା। ଅଧାପିକା ଜୀନାପ୍ରିୟଙ୍କା ଜେଠୀ ଓ ରଶ୍ମିରେଖା ରାଉତଙ୍କ ଧନ୍ୟବାଦ ଜ୍ଞାପନ ସହ କାର୍ଯ୍ୟକ୍ରମ ଉପସଂହାର ହୋଇଥିଲା। ଏହି କର୍ମଶାଳାରେ ଅଧାପକ-ଅଧାପିକା ଓ ଛାତ୍ରଛାତ୍ରୀଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ଭାରତୀୟ ଜ୍ଞାନ ପ୍ରଣାଳୀ ଓ ଆତ୍ମନିର୍ଭର ଭାରତର ଜାତୀୟ ଦୃଷ୍ଟିକୋଣ ପ୍ରତି ଆଗ୍ରହ ପ୍ରକାଶିତ ହୋଇଥିଲା।

# ପଶ୍ଚିମାଞ୍ଚଳ କୁବେର ସମାଜର ସଂଶୋଧିତ ନିୟମାବଳୀ ଉନ୍ମୋଚିତ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଶାନ୍ତିପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପଡ଼ିଆ ଠାରେ କୁବେର ସମାଜର ପଶ୍ଚିମାଞ୍ଚଳ (ଓଡ଼ିଶା ଓ ଛତିଶଗଡ଼) ସ୍ତରୀୟ ୨୨ତମ ଦୁଇଦିନିଆ ମହାସଭା ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସରେ କୁବେର ସମାଜର ଯୁବାମଞ୍ଚ ସଭାପତି ଲିଙ୍ଗରାଜ ସାହୁ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ସମାଜର ପଶ୍ଚିମାଞ୍ଚଳ (ଓଡ଼ିଶା ଓ ଛତିଶଗଡ଼) ସଭାପତି ଲକ୍ଷ୍ମଣ ସାହୁ, ସମ୍ମାନୀତ ଅତିଥି ରୂପେ ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ଖପ୍ରାଖୋଲ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ପବିତ୍ର ପଟେଲ, କୁବେର ସମାଜ ସଂପାଦକ ରମେଶ ସାହୁ, ମାତୃମଞ୍ଚ ସଭାନେତ୍ରୀ ସସ୍ମିତା ସାହୁ, ଭାରତ ସାହୁ, ଅଚ୍ୟୁତାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ କୁବେର ସମାଜର ପଶ୍ଚିମାଞ୍ଚଳ ସ୍ତରୀୟ ସଂଶୋଧିତ ନିୟମାବଳୀ ୨୦୨୫ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ମାତୃଶକ୍ତି, ଯୁବା ମଞ୍ଚର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଆଣିଥିବା ବ୍ୟକ୍ତି ବିଶେଷ, ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ପତାକା ଅବତରଣ ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା । ଉପସଭାପତି ଗଜିନ୍ଦ୍ର ସାହୁ, କୋଷାଧକ୍ଷ ନିତ୍ୟାନନ୍ଦ ସାହୁ, ଯୁବାମଞ୍ଚ ସଭାପତି ଲିଙ୍ଗରାଜ ସାହୁ, ମାତୃମଞ୍ଚ ସଭାନେତ୍ରୀ ସସ୍ମିତା ସାହୁ, ବଲାଙ୍ଗୀର ଜୋନ ସଭାପତି ବିଜୟ ସାହୁ, ବରିଷ୍ଠ ସଦସ୍ୟ ଅଚ୍ୟୁତାନନ୍ଦ ସାହୁ, ଭରତ ସାହୁ ଯୋଗ ଦେଇଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଜାନୁଆରୀ ୨୦୨୬ ମଙ୍ଗଳବାର







# ସରକାରଙ୍କ ଦୃଷ୍ଟି ଆଢୁଆଳରେ ପର୍ଯ୍ୟଟନସ୍ଥଳୀ ପାଲଝାର ଡ୍ୟାମ୍

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଶୀତଋତୁ ଆସିଲେ ବଣଭୋଜିର କଥା ମନେପଡେ । ଭୋଜି ପାଇଁ ଏକ ଭଲ ପିକନିକ୍ ସ୍ପଟ୍ ଖୋଜାହୁଏ । ବୌଦ୍ଧ ଜିଲ୍ଲା ସଦର ମହକୁମା ଠାରୁ ବୁଟୁପାଲି ଛକ ବଘିଆପଡ଼ା ରାସ୍ତାରେ କାଶିଆପସା ଛକରୁ ଡାହାଣକୁ ୭ କିମି ଗଲେ ପଡ଼େ ପାଲଝାର ଡ୍ୟାମ୍ । ସେହିପରି ସୋନପୁର ବୌଦ୍ଧ ରାସ୍ତାରେ ଆସିଲେ ଜନ୍ମାପଙ୍କ ଛକରୁ ଡାହାଣ ପଟ ଖମାରଗୋଡା ରାସ୍ତାରେ ୧୨ କିମି ଗଲାପରେ ବାମକୁ ୧ କିମି ଗଲେ ପଡେ ପାଲଝାର ଡ୍ୟାମ୍ । ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପାଣିର କୁଳୁକୁଳୁ ଶବ୍ଦ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ଡ୍ୟାମ୍‌ର ଉଭୟ ପାର୍ଶ୍ୱରେ ବଣଭୋଜି ପାଇଁ ସୁନ୍ଦର ଜାଗା ରହିଛି । ଡିସେମ୍ବର ମାସରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ଭୋଜି ପାଇଁ ଏଠାରେ ପ୍ରବଳ ଗହଳି ଲାଗିଥାଏ । ହେଲେ ଏଠାରେ ମଣ୍ଡପ ନଥିବାରୁ ଭୋଜିପାଇଁ ଆସୁଥିବା ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ପିଇବା ପାଣି ପାଇଁ ନଳକୂପ ନଥିବାରୁ ବାଧ୍ୟ ହୋଇ ସାଲୁଙ୍କି ନଦୀର ପାଣିକୁ ବ୍ୟବହାର କରନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହରେକୃଷ୍ଣ ମହତାବ ୧୯୫୮ ମସିହାରେ ଡ୍ୟାମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଡ୍ୟାମ୍‌କୁ ୧୯୬୫ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଉଦ୍‌ଘାଟନ କରିଥିଲେ । ଡ୍ୟାମ୍‌ର ଉଭୟ ପାର୍ଶ୍ୱରେ ଚାଷ ପାଇଁ କେନାଲ ଖନନ ହୋଇଛି । କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ହୋଇ ରହିଛି । ଏଠାରେ ଉଭୟ ପାର୍ଶ୍ୱରେ ପାନୀୟଜଳ ପାଇଁ ନଳକୂପ, ପକ୍କା ରାସ୍ତା, ଭୋଜି କରିବା ପାଇଁ ପିଣ୍ଡି ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସରକାରଙ୍କ ରାଜସ୍ୱ ଆଦାୟ ହୁଅନ୍ତା ବୋଲି ମତ ପ୍ରକାଶ ପାଉଛି ।

# ସ୍କୁଲ ପିଲାଙ୍କ ହାତରେ ବାଇକ୍ ଓ କାର୍:ନିରାପତ୍ତା ଆଇନ ଉଲ୍ଲଂଘନ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ସ୍କୁଲ ପିଲାଙ୍କ ହାତରେ ବାଇକ୍ ଓ କାର୍। ନିରାପତ୍ତା ଆଇନ୍ ଉଲ୍ଲଂଘନ। କୋରାପୁଟ ଜିଲ୍ଲା ପୋଲିସ ତରଫରୁ ଯାଞ୍ଚ କରିବାକୁ ଦାବି କରାଯାଇଛି । ବାଳିକା, ବାଳକ ତଥା ସ୍କୁଲ ପିଲାଙ୍କ ମଧ୍ୟରେ ଗାଡି ଚଳାଇବା ନିଶା ବେଶ୍ ଘାରିଛି । ସମ୍ଭାବିତ ଦୁର୍ଘଟଣା ଆଶଙ୍କାରେ ଭୟଭୀତ ଅଛନ୍ତି । ୧୪ ବର୍ଷରୁ କମ୍ ପିଲାମାନଙ୍କ ଅଭିଭାବକମାନେ ବାଇକ୍ ଚାବି ଦେବାରୁ ପିଲାମାନେ ଆଉ ମାନୁନାହାନ୍ତି । ଦୁର୍ଘଟଣା ଆଶଙ୍କାରେ ଭୟଭୀତ ଅଛନ୍ତି । ଭିଡ ରାସ୍ତାରେ ମଧ୍ୟ ଗାଡ଼ି ଚଳାଇ ଏପରି ଯାଉଛନ୍ତି ଯେ, ଅସାବଧାନତା ହେଲେ ଭୟଙ୍କର ରୂପ ନେବ । ସଡ଼କ ନିରାପତ୍ତା ଆଇନ୍ ଅନୁଯାୟୀ ନାବାଳକ ମାନଙ୍କ ପାଇଁ ଗାଡି ଚଳାଇବା ମନା ଥିବାବେଳେ କଟକଣାକୁ କିନ୍ତୁ କେହି ମାନୁନାହାଁନ୍ତି । ଏପରିକି ଅଭିଭାବକମାନେ ନାବାଳକ ପିଲାଙ୍କ ପାଇଁ ବାଇକ୍, ସ୍କୁଟିର ଚାବି ଦେଇ ଭିଡ଼ ରାସ୍ତାରେ ଚଳାଇବାକୁ ପ୍ରୋତ୍ସାହିତ କରୁଥିବା ଦେଖାଯାଉଛି । ଏମିତିକି ସ୍କୁଲରୁ ଫେରିବା ପରେ ପୁଅ ଝିଅ ମାନେ ସ୍କୁଟି ଓ ବାଇକ୍ ଧରି ଭିଡ଼ ରାସ୍ତାରେ ଏକ ପ୍ରକାର ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳୁଛି । ଜାତୀୟ ରାଜପଥରେ ସାଧାରଣତଃ ଗାଡ଼ିମୋଟର ଭିଡ଼ ଥିବା ସତ୍ୱେ ଏହି ପିଲାମାନେ କିଛି ନମାନି ଯେପରି ଭାବେ ବାଇକ୍ ଓ ସ୍କୁଟି ଚଳାଇଥାନ୍ତି ନଦେଖିଲେ ବିଶ୍ୱାସ କରିହେବନାହିଁ । ଧନୀ ବ୍ୟବସାୟୀଙ୍କ ପିଲାମାନେ ସେମାନଙ୍କ ସ୍କୁଲ ଓ କଲେଜ ପଢୁଆ ପୁଅ ଝିଅଙ୍କ ପାଇଁ ବାଇକ୍ ଓ ସ୍କୁଟି ଦେଉଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ଏହି ନାବାଳକଙ୍କ ବିପଦପୂର୍ଣ୍ଣ ବାଇକ୍ ଚାଳନା ଦେଖିଲେ ଯେକେହି ବି ଭୟଭୀତ ହେବା ସ୍ୱାଭାବିକ । ସେହିପରି ନାବାଳକ ମାନେ କୋରାପୁଟ ଜିଲ୍ଲା ଜୟପୁର, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡ ସହର ସମେତ ଗ୍ରାମାଞ୍ଚଳରେ ୬୦ରୁ ୮୦ ସ୍ପିଡରେ ବସ୍ତି ମଧ୍ୟରେ ବାଇକ୍ ଚଳାଇବା ଏକ ସାଧାରଣ ଘଟଣା ହେଲାଣି । କଥା କେବଳ ସେତିକିରେ ଅଟକି ନାହିଁ, ଧନୀ ବାପାଙ୍କ କିଛି ନାବାଳକ ଝିଅପୁଅ ସେମାନଙ୍କ ଘରେ ଥିବା ସୌଖୀନ କାର୍ ମଧ୍ୟ ଚଳାଇବା ଆରମ୍ଭ କଲେଣି । ବାଇକ୍, ସ୍କୁଟି ଏବଂ କାର୍ ଚଳାଇବାରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବା ଏହି ନାବାଳକ ଗାଡ଼ି ଚାଳନାର କୌଣସି ନିୟମକାନୁନ୍ ଜାଣିନଥିବା ବେଳେ ସେମାନଙ୍କ ଏହି ବେପରୁଆ ଗାଡ଼ିଚାଳନା କେତେ ଭୟଙ୍କର ଦୁର୍ଘଟଣା ଘଟାଇପାରେ ତାହା ମଧ୍ୟ ସେମାନେ ଜାଣିନାହାନ୍ତି । ତେବେ ସବୁଠୁ ଦୁଃଖର କଥାହେଲା ଏହି ପିଲାଙ୍କୁ ବାଇକ୍, କାର୍ ଚଳାଇବାକୁ ସେମାନଙ୍କ ଅଭିଭାବକମାନେ ଆକଟ କରିବା ପରିବର୍ତ୍ତେ ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ନାବାଳକଙ୍କ ଦ୍ୱାରା ଏହି ବେପରୁଆ ଗାଡ଼ିଚାଳନା ଯୋଗୁଁ ପ୍ରତ୍ୟେକ ଦିନ ଅନେକ ଦୁର୍ଘଟଣା ହେବା ସ୍ଥିତି ଉପୁଜି ସାରିଛି । ତେବେ ନାବାଳକଙ୍କ ଏହି ବେପରୁଆ ଗାଡି ଚାଳନାକୁ ରୋକିବା ଏବଂ ସେମାନଙ୍କ ଅଭିଭାବକଙ୍କୁ ଏ ସମ୍ପର୍କରେ ସଚେତନ କରିବାକୁ ପଡ଼ିବ । ଏହାଛଡ଼ା ଏହି ପିଲାମାନଙ୍କୁ ଧରି ଆବଶ୍ୟକ ସ୍ଥଳେ ଗାଡ଼ି ଜବତ କରି ଜରିମାନା କାଟିବାକୁ ପୋଲିସ ଓ ପରିବହନ ବିଭାଗ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବି କରିଛନ୍ତି ।

# ୧୪ରେ ମକର ମେଳା:ମା' ଡମଣୀଙ୍କ ପୀଠରେ ଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**



ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ବେରେଣା-କୋଚିଳା ନୂଆଗାଁ ଗ୍ରାମ ନିକଟ ପାହାଡ଼ ଜଙ୍ଗଲ ଘେରା ମନୋରମ ପରିବେଶରେ ଅବସ୍ଥିତ ବନଦେବୀ ମା' ଡମଡମଣୀ ପୀଠରେ ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପ୍ରସିଦ୍ଧ ମକରମେଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଳା ପରିଚାଳନା ସମିତି ସଭାପତି ରବିନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜୋନ୍-୧ ଏସ୍‌ପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଅଇଆଇସି ଦୀପକ କୁମାର ଖଣ୍ଡାୟତରାୟ, ମଙ୍ଗରାଜପୁର ଫରେଷ୍ଟର ଅନୁପମା ସାହୁ, ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର କୁମାର ପାଣ୍ଡବ ପ୍ରମୁଖ ଯୋଗଦେଇ ଚଳିତବର୍ଷ ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ସମସ୍ତ ଭକ୍ତମାନେ ଯେପରି ସୂଚାରୁ ରୂପେ ମା'ଙ୍କ ଦର୍ଶନ ସହିତ ସୁରୁଖୁରୁରେ ଭୋଗଲାଗି କରିପାରିବେ ସେନେଇ ଆଲୋଚନା କରାଯାଇ ମତାମତ ଗ୍ରହଣ କରାଯାଇଥିଲା । ମେଳାରେ ବହୁ ଜନ ସମାଗମ ହେଉଥିବାରୁ ଟ୍ରଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବା ଉପରେ ଆଲୋଚନା ହୋଇଥିଲା । ଭିଡ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଡିଲେ ଅଧିକ ଫୋର୍ସର ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ । ପ୍ରତିବର୍ଷ ମେଳାରେ ଭକ୍ତମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ଗାୟତ୍ରୀ ପରିବାରର ସ୍ୱେଚ୍ଛାସେବୀ ପୂର୍ଣ୍ଣଚନ୍ଦ୍ର ସାହୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦରଦୀବନ୍ଧୁ, ଶଙ୍କରପୁର ୟୁନିଟ୍ କ୍ଲବ ଓ ବ୍ଲକ ପ୍ରଶାସନର କର୍ମକର୍ତ୍ତା ମାନେ ବୈଠକରେ ଉପସ୍ଥିତ ରହି ମେଳା ସୁପରିଚାଳନା ଉପରେ ମତାମତ ପ୍ରଦାନ କରିଥିଲେ । ମା' ଡମଡମଣୀ ପରିଚାଳନା ସମିତିର ହିନ୍ଦୁ ବିରୁଆ, ରମାକାନ୍ତ ଜାରିକା, ଜୟନ୍ତ ପାତ୍ର, ସୁବାଷ ପ୍ରଧାନ, ସହଦେବ ବରାଳ, ପ୍ରଫୁଲ ପ୍ରଧାନ, ସୁଶାନ୍ତ ରାଉତ, ପୁଜକ ଦେବେନ୍ଦ୍ର ପଣ୍ଡା, ଛବି ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ////////// ସୁବର୍ଣ୍ଣପୁରରେ ଅଷ୍ଟାଦଶ ମହୁରି ମହୋତ୍ସବ //////////

# ଡ. ପ୍ରୀତିଧାରା ସାମଲ ଓ ଡ. ନୃପରାଜ ସାହୁଙ୍କୁ 'ମହୁରି ସମ୍ମାନ' ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ମଣିଷ ମନର ଆବେଗକୁ ପରିପ୍ରକାଶ କରିବା ପାଇଁ ସାହିତ୍ୟ ହିଁ ଏକମାତ୍ର ଉପଯୁକ୍ତ ମାଧ୍ୟମ। ସାହିତ୍ୟ ସାଧନା ସୁଖ, ଦୁଃଖ, ଅଭାବ ଓ ଅସୁବିଧା ଦେଖେନାହିଁ। ସେହିପରି ସାହିତ୍ୟରେ ଶବ୍ଦ, ଛନ୍ଦ, ଅଳଙ୍କାର ଅପେକ୍ଷା ଭାବ ହିଁ ମୁଖ୍ୟ ଉପଜୀବ୍ୟ ହୋଇଥାଏ। ଜୀବନକୁ ଛୁଇଁ ଛୁଇଁ ଯାଉଥିବା ପ୍ରସଙ୍ଗ ସବୁକୁ ନିଜର ପ୍ରତିଟି ପୃଷ୍ଠାରେ ତୋଳି ଧରି ମହୁରି ଆଜି ସାହିତ୍ୟ ଜଗତରେ ଏକ ଭିନ୍ନ ପରିଚୟ ତିଆରି କରିଛି। କବି, ଲେଖକ, ସାହିତ୍ୟିକ ସମସ୍ତଙ୍କୁ ନିଜର କରିପାରୁଥିବା ମହୁରି ପତ୍ରିକା ସତରେ ସାହିତ୍ୟ ଜଗତରେ ଅନବଦ୍ୟ ଓ ଅନନ୍ୟ ବୋଲି ସୁବର୍ଣ୍ଣପୁର ସ୍ଥିତ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ଅଷ୍ଟାଦଶ ମହୁରି ମହୋତ୍ସବ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି କବିତା ଆନ୍ଦୋଳନର ଶାଶ୍ୱତ ସ୍ପନ୍ଦନ ମହୁରି ସାହିତ୍ୟ ପତ୍ରିକା ପକ୍ଷରୁ ଏହାର ଅଷ୍ଟାଦଶ ବାର୍ଷିକ ଉତ୍ସବ ସୁବର୍ଣ୍ଣପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ମହୁରିର ମୁଖ୍ୟ ସମ୍ପାଦକ ଡ. ଭବାନୀଶଙ୍କର ନିଆଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଲେଖକ ପ୍ରଫେସର ନାରାୟଣ ପଣ୍ଡା ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଗାଳ୍ପିକ ତଥା ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, କବି ଡ. ପ୍ରୀତିଧାରା ସାମଲ ମଞ୍ଚାସୀନ ଥିଲେ। ମହୁରିର ସମ୍ପାଦକ ତଥା ଗାଳ୍ପିକ ସୁକାନ୍ତ ସାହୁ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସୁଶୀଲ କୁମାର ସଭା ପରିଚାଳନା କରିଥିଲେ। ଏହି ଅବସରରେ ଡ. ପ୍ରୀତିଧାରା ସାମଲଙ୍କୁ ମହୁରି ସମ୍ମାନ-୨୦୨୪ ଓ ଡ. ନୃପରାଜ ସାହୁଙ୍କୁ ମହୁରି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ହୋଇଥିଲା ରାଜ୍ୟସ୍ତରୀୟ କବିତା ପାଠୋତ୍ସବ। ମହାନଦୀ ସାହିତ୍ୟ ସଂସଦର ସଭାପତି ଡ. ସୌରଭ ରଞ୍ଜନ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର, ଉଲୁଣ୍ଡା ସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ, ଶିକ୍ଷାବିତ ଓ ଗବେଷକ ଡ. ଅନିରୁଦ୍ଧ କୁରକୁରିଆ, ଅଧ୍ୟାପିକା ଡ. ଇତିଶ୍ରୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। କବି ଲକ୍ଷ୍ମୀନାରାୟଣ ସାହୁ, ରଞ୍ଜିତା ପଣ୍ଡା କବିତା ପାଠ ଉତ୍ସବର ସଂଯୋଜନା କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ୩୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜିଲିନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ଡ. ସୌମ୍ୟାରୂପା ରଥ, ଜିଲ୍ଲା ପଞ୍ଚାୟତ ତଥା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ସହକାରୀ ଜିଲ୍ଲାପାଳ ସତ୍ୟବ୍ରତ ସାହୁଙ୍କ ସହିତ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। ଏଥିରେ ବହୁସଂଖ୍ୟକ କବି ଓ ଲେଖକ ତଥା ସାହିତ୍ୟପ୍ରେମୀ ଜନସାଧାରଣ ସାମିଲ ହୋଇଥିଲେ। ଏହି ଉତ୍ସବରେ ସୁବର୍ଣ୍ଣପୁର ସହରର ବୁଦ୍ଧିଜୀବୀ ବୃନ୍ଦ, ବରିଷ୍ଠ ନାଗରିକ ବୃନ୍ଦ, ସ୍ୱଚ୍ଛ ଭାରତ ସଂଗଠନ, ମନମୁଣ୍ଡା - ସୋନପୁର, ସୁବର୍ଣ୍ଣପୁର ସହରର ବିଭିନ୍ନ ସଙ୍ଗଠନ ଗୁଡିକର ପ୍ରତିନିଧି ମାନଙ୍କ ସହିତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ସେହିପରି ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ରାଜ୍ୟରେ ଶ୍ରେଷ୍ଠ ଦଶ ସ୍ଥାନରେ ଧରାକୋଟ ଥାନା

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଶ୍ରେଷ୍ଠ ଦଶ ସ୍ଥାନରେ ଗଞ୍ଜାମ ଜିଲ୍ଲା ଧରାକୋଟ ପୋଲିସ୍ ଥାନା ରହିବା ଗୌରବ ଅର୍ଜନ କରିଛି । ଅପରାଧ, ଅପରାଧୀ ଓ ନିଖୋଜ ବ୍ୟକ୍ତିଙ୍କ ପ୍ରକୃତ ସମୟରେ ଟ୍ରାକିଂ ଅନ୍‌ଲାଇନ୍ ଅଭିଯୋଗ ପଞ୍ଜିକରଣ ଅନ୍ତଃକାର୍ଯ୍ୟକ୍ଷମ ଅପରାଧିକ ନ୍ୟାୟ ବ୍ୟବସ୍ଥା ମାଧ୍ୟମରେ ଇକୋର୍ଟ, ଇକାରାଗାର ସହିତ ସମନ୍ୱୟ ରକ୍ଷା, ଡାଟା ବିଶ୍ଳେଷଣ ରିପୋର୍ଟିଂ ଓ ବ୍ୟାପକ ଅପରାଧିକ ରେକର୍ଡ ପ୍ରଣାଳୀ ସୃଷ୍ଟି କରି ସୂଚନା ଓ ପ୍ରଯୁକ୍ତି ଭିତ୍ତିଭୂମିର ଦକ୍ଷତା ପ୍ରତିପାଦିତା ସୃଷ୍ଟି କରିଛି । ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ୨୦୨୪ରେ ଥାନାରେ ଯୋଗଦାନ କରିବା ଠାରୁ ଅପରାଧୀ ଦମନ, କାର୍ଯ୍ୟଦକ୍ଷତା ଭିତ୍ତିଭୂମି କାର୍ଯ୍ୟର ଦୃଢ଼ିକରଣ ମହିଳା ଓ ଶିଶୁଙ୍କ ପ୍ରତି ନ୍ୟାୟିକ ଭରସା ଓ ଉତ୍ତମ ଆଚରଣ ସାଂଗକୁ ସର୍ବୋପରି ପରିବେଶର ସୁରକ୍ଷାଓ ସ୍ୱଚ୍ଛତା ଆଧାରରେ ଧରାକୋଟ ଥାନା ସମଗ୍ର ରାଜ୍ୟରେ ଶ୍ରେଷ୍ଠ ଦଶଟି ସ୍ଥାନରେ ରହିବା ଗୌରବ ଅର୍ଜନ କରିଛି । ଏହି ଘଟଣାରେ ସ୍ଥାନୀୟ ଜନସାଧାରଣଙ୍କ ମନରେ ଆନନ୍ଦ ସୃଷ୍ଟି କରିଛି ।



# 'ଆମ ବସ୍' ଡ୍ରାଇଭରଙ୍କୁ ଗାଳିଗୁଲଜ କରି ୨ କୋର୍ଟ ଚାଲାଣ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଝାଙ୍କରପାଲି ଗାଁ ନିକଟରେ ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ବେଆଇନ୍ ଭାବେ ବସ୍‌କୁ ଅଟକାଇ ଡ୍ରାଇଭରକୁ ଗାଳିଗୁଲଜ କରିବା ଅଭିଯୋଗରେ ଦୁଇ ଯୁବକଙ୍କୁ ଖପ୍ରାଖୋଲ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ସୂଚନା ଅନୁଯାୟୀ ଗତ ବୁଧବାର ସନ୍ଧ୍ୟାରେ ବସ୍‌ଟି ତାର ଡିଉଟିରୁ ଖପ୍ରାଖୋଲକୁ ଫେରୁଥିବା ବେଳେ ଅଭିଯୁକ୍ତ ଦୁଇଭାଇ ଝାଙ୍କରପାଲି ଗାଁର ପ୍ରକାଶ ବରିହା (୨୮) ଓ ଦେବରାଜ ବରିହା (୪୮) ରାସ୍ତାରେ ବେଆଇନ୍ ଭାବରେ ଗାଡି ଅଟକାଇ ଡ୍ରାଇଭରକୁ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିବା ବସ୍ କଣ୍ଡକ୍ଟର ଖପ୍ରାଖୋଲ ଥାନାରେ ଗୁରୁବାର ଅଭିଯୋଗ କରିଥିଲେ। ଏନେଇ ଖପ୍ରାଖୋଲ ଥାନା ପୋଲିସ କେସ୍ ନମ୍ବର ୧/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

# ସାମ୍ବାଦିକମାନଙ୍କ ପାଇଁ ସରକାର ତତ୍ପର ଅଛନ୍ତି:ସମବାୟ ମନ୍ତ୍ରୀ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

ରବିବାର ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ଉତ୍କର୍ଷ ସାମ୍ବାଦିକ କର୍ମଶାଳା ଯାଜପୁର ଜିଲ୍ଲାର ଦାନଗଦୀ ଠାରେ ହୋଟେଲ ରୟାଲ ତାଜ ପ୍ୟାଲେସ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସମବାୟ ଓ ହସ୍ତତନ୍ତ, ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ସାମ୍ବାଦିକ ମାନଙ୍କ ପାଇଁ ସରକାର ତତ୍ପର ଅଛନ୍ତି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର ଯୋଗଦେଇ ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ସାମ୍ବାଦିକଙ୍କ ଦାବି ପୂରଣ ନହେଲେ ବିଧାନସଭା ଆଗରେ ଧାରଣା ଦିଆଯିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଜିଲ୍ଲା ସଭାପତି ହରିହର ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ସଫଳ ମହିଳା ଉଦ୍ୟୋଗୀ ଅବନ୍ତୀ ସାମଲ, ଯୁବ ଉଦ୍ୟୋଗୀ ଇଂ. ଅରବିନ୍ଦ ମହାରଣା, ସଫଳ ଉଦ୍ୟୋଗପତି ହରିହର କରଣ, ୟୁଥ୍ ଆଇକନ୍ ସ୍ମୃତିରଞ୍ଜନ ଜେନା, ପୋଲିସ୍ ଅଧିକାରୀ ଆଶିଷ କୁମାର ସାହୁ, ସଫଳ ଉଦ୍ୟୋଗୀ ଦେବେନ୍ଦ୍ର ଜେନା, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପ୍ରଶାନ୍ତ କୁମାର ରାୟ, ସମବାୟବିତ୍ ପ୍ରତାପ କୁମାର ଧୀର, ନିଦାନ ଓ ସ୍ୱାସ୍ଥ୍ୟ ଚିକିତ୍ସାରେ ରବୀନ୍ଦ୍ର ଡାକୁଆ, ସାମ୍ବାଦିକତା ଗଣ ଯୋଗାଯୋଗର ସହକାରୀ ପ୍ରାଧ୍ୟାପକ ସାମନ୍ତ ବିଶ୍ୱଭୂଷଣ ଧୀର, ଜିନ୍ଦଲ୍ ଷ୍ଟିଲ୍‌ର ବରିଷ୍ଠ ପ୍ରଶାସକ ସୁଧୀର ରଞ୍ଜନ ମିଶ୍ର, ଯୁବ ସମାଜସେବୀ ଡାକ୍ତର ସନ୍ତୋଷ କୁମାର ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସାମ୍ବାଦିକ ପ୍ରିୟରଞ୍ଜନ କର ଓ ସାମନ୍ତ ବିଶ୍ୱଭୂଷଣ ଧୀରଙ୍କ ଦ୍ୱାରା ଏକ ସାମ୍ବାଦିକତା ତାଲିମ୍ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଉପଦେଷ୍ଟା ଦୁଷ୍ମନ୍ତ ଘଡେଇ, ବିପ୍ଳବ ବିଜୟ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ଉପସଭାପତି ପ୍ରଦୀପ ଜେନା, ସମ୍ପାଦକ ସୁଭାଶିଷ ରାଉତ ପ୍ରମୁଖ ସହଯୋଗ କରିବା ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ ।

# ପାଟଣେଶ୍ୱରୀ ମହୋତ୍ସବ ଲାଗି ଏନ୍‌ଏଚ୍ ୫୭ ରାସ୍ତା ସୌନ୍ଦର୍ଯ୍ୟକରଣ ହେବ:ଆଲୋକ ସଜ୍ଜା ଏବଂ ବିଭିନ୍ନ ଆର୍ଟ ଚିତ୍ର ସ୍ଥାନ ପାଇବ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ପାଟଣା ରାଜ୍ୟର ଇଷ୍ଟଦେବୀ ମା' ପାଟଣେଶ୍ୱରୀ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଆସନ୍ତା ଫେବୃୟାରୀ ମାସରେ ଅନୁଷ୍ଠିତ ହେବ। ଏହି ଅବସରରେ ବଲାଙ୍ଗିର ମ୍ୟୁନିସିପାଲିଟି ଚେୟାରମେନ ଲିକା ସାହୁଙ୍କୁ ଦେବାଳୟ ଐତିହ୍ୟ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ୪ ଗୋଟି ପ୍ରସ୍ତାବ ମହୋତ୍ସବ ପାଇଁ ଦିଆଯାଇଛି । ଲୋକନାଥ ମନ୍ଦିରରୁ ମା' ପାଟଣେଶ୍ୱରୀ ମନ୍ଦିର ରାସ୍ତାରେ ଏନ୍‌ଏଚ୍ ନଂ. ୫୭ ରାଜପଥ ରାସ୍ତାରେ ସ୍ୱଚ୍ଛତା ଏବଂ ବଲାଙ୍ଗିରର ଐତିହ୍ୟ କଳାକିର୍ତ୍ତି ଆଙ୍କିବା ପାଇଁ ଏବଂ ଆଲୋକ ସଜ୍ଜା ବିଭିନ୍ନ ବୃକ୍ଷ ରାସ୍ତାକଡରେ ଲଗାଇବା, ଜଳାଶୟ ଏବଂ ବିଭିନ୍ନ ରାସ୍ତାରେ ଆଲୋକ ସଜ୍ଜା ପାଇଁ ଦାବି କରିଥିଲେ । ଏହି ଉତ୍ସବ ଉଦ୍ଦେଶ୍ୟରେ ପୌରପ୍ରଶାସନ ସବୁ ସହଯୋଗ କରିବ ବୋଲି ଆଲୋଚନା କରିଥିଲେ । ଦେବାଳୟ ଐତିହ୍ୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଉପଦେଷ୍ଟା ସୁରେନ୍ଦ୍ର କୁମାର ନେଗୀ, କବି ଅର୍ଜୁନ ସାହୁ, ରିଂଟୁ ସାହୁ, ଭବାନି ଶଙ୍କର ଭୋଇ, ସମ୍ପାଦକ ପ୍ରଶାନ୍ତ ମହାକୁର ସାମିଲ୍ ଥିଲେ । ଏହି ଉଦ୍ଦେଶ୍ୟରେ ୧୫୦ ବର୍ଷ ପୂର୍ତ୍ତି ଅବସରରେ ଲୋଗୋ ପୌରାଧକ୍ଷାଙ୍କୁ ଅର୍ପଣ କରାଯାଇଥିଲା ।

# ଧର୍ମଶାଳା ମହୋତ୍ସବରେ ଆଇନ୍ ଓ ସମବାୟ ମନ୍ତ୍ରୀ ସମେତ ୪ ବିଧାୟକ




**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ମହୋତ୍ସବର ରବିବାର ସନ୍ଧ୍ୟାରେ ଅତିଥି ଭାବେ ରାଜ୍ୟ ଆଇନ୍, ପୂର୍ତ୍ତ ଓ ଅବକାରୀମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ, ହସ୍ତତନ୍ତ ବୟନ ଓ ସମବାୟମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସ ନାୟକ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଭଟିଲ୍ ବିଧାୟକ ଇରାଶୀସ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ସଭାନେତ୍ରୀ ଦେବଯାନୀ ପ୍ରଧାନ, ପୂର୍ବତନ ସଭାପତି ଗୌତମ ରାୟ, ମହୋତ୍ସବ କମିଟି ସଭାପତି ରବିନ୍ଦ୍ରକୁମାର ସାହୁ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ଉପସ୍ଥିତ ଥିଲେ। ମହୋତ୍ସବକୁ ଅଧିକ ସରସ ସୁନ୍ଦର କରିବା ପାଇଁ ସ୍ଥାନୀୟ ବିଧାୟକଙ୍କ ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ / ୭ବୃ | ୫ | ଶୁ୪ / ରା୩ |
| ୮ | ୯ / ୪ | ୨ |
| ୯କେ / ୧୦ | ୧୧ | ର ବୁ ମ ଶନି / ୧୨ |

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୬।୧।୨୦୨୬, ପୌଷ ଦି୨୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୬।୨୫।୧୩ ଚନ୍ଦ୍ରୋଦୟ- ରାଘ ୮।୩୦।୨୮**

ତୃତୀୟା ଦିଘ ୮।୦୩ ପର୍ଯ୍ୟନ୍ତ । **ଅଶ୍ଳେଷା ନକ୍ଷତ୍ର-** କର୍କଟ ଦିଘ ୧୨।୨୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର । ଦିଘ ୧୨।୨୧ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର-** ଦିଘ ୧୨।୨୧ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୮।୦୩ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଦିଘ ୭।୧୨ ମଧ୍ୟେ । ଦିଘ ୯।୧୧ ଗତେ ଦିଘ ୧୧।୩୧ ମଧ୍ୟେ ।

**ମେଷ:** ମନରେ ସରସତା ରହିବା ସହିତ କର୍ମକ୍ଷେତ୍ରରେ ଅଗ୍ରଗତି। ପରିଶ୍ରମର ପରିମାଣ ଅତିମାତ୍ରାରେ ବଢ଼ିବ। ପାରିବାରିକ ଶାନ୍ତି ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଦୂରଯାତ୍ରା କରିପାରନ୍ତି। ମନ ଭଲ ରହିବ।

**ବୃଷ:** କର୍ମକ୍ଷେତ୍ରରେ ବିରକ୍ତି ବଢ଼ିବ। ସହଯୋଗୀ ମାନଙ୍କ ସହଯୋଗ ମତିଭ୍ରମ କରିବେ। ପଥଭ୍ରଷ୍ଟର ସମ୍ଭାବନା। ଆୟର ପରିମାଣ ବଢ଼ିବ। ପରିବାରରେ କଳହ ସୃଷ୍ଟିର ଆଶଙ୍କା। ଅସାବଧାନତାରୁ ଦ୍ରବ୍ୟ ନଷ୍ଟ ହେବାର ସୂଚନା।

**ମିଥୁନ:** ଭୟ ଉପରେ ଆପଣ ବିଜୟ ହାସଲ କରିବେ। ଉତ୍ତମ ଫଳ ଲାଭ ହେବ। ଆୟର ପରିମାଣ କମିଯିବ। ପାରିବାରିକ ଆନନ୍ଦ ବଜାୟ ରହିବ। ପରିଶ୍ରମ ଅଧିକ ହେବ। ଶତ୍ରୁ ନାଶ ହେବାର ସୂଚନା ରହିଛି।

**କର୍କଟ:** ମନରେ ଆନନ୍ଦ ଆସିବ। କର୍ମକ୍ଷେତ୍ରରେ ପ୍ରସନ୍ନ ଭାବ ରହିବ। ସାହାଯ୍ୟ ସହଯୋଗ ପାଇ ପ୍ରଗତି ପଥେ ଅଗ୍ରସର ହେବେ। ଆୟ ବଢ଼ିବ। ପରିବାରରେ ସୁଖ ଶାନ୍ତି ଲାଭ କରିବାର ସୂଚନା।

**ସିଂହ:** କର୍ମକ୍ଷେତ୍ରରେ କର୍ମଚାରୀ ତଥା ଭାଇମାନଙ୍କ ସାହାଯ୍ୟ ସହାନୁଭୂତି ଲାଭ କରିବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଦ୍ୱନ୍ଦ୍ୱର ସୂଚନା। ମନରେ ବିରକ୍ତି ଭାବ ଜାଗ୍ରତ ହେବ। ମହିଳାମାନେ ସୁଖୀ ହେବେ।

**କନ୍ୟା:** ସୁସ୍ଥତା ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସା ଲାଭ। ବନ୍ଧୁ ସହଯୋଗ ପ୍ରାପ୍ତି ହେବ। ବିଶ୍ରାମ ନେବାକୁ ପସନ୍ଦ କରିବେ। ଆୟ ମଧ୍ୟମ ଧରଣର ହେବ। ଗୃହେ ଆନନ୍ଦ।

**ତୁଳା:** କର୍ମକ୍ଷେତ୍ରରେ ଅଶାନ୍ତି। କାର୍ଯ୍ୟ କରିବେନାହିଁ। ମନରେ ବାଧା ଆସିବ। ଶାରୀରିକ ଅସୁସ୍ଥତା ଭୋଗିବେ। ବ୍ୟୟର ପରିମାଣ ବଢ଼ିବ। ଆୟ ସ୍ଥିର ରହିବ। କୌଣସି ସୁସମ୍ବାଦ ପ୍ରାପ୍ତିର ସମ୍ଭାବନା ରହିଛି।

**ବିଛା:** ଆଜି ଦିନଟି ସେତେ ଭଲରେ ଯିବନାହିଁ। ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। କର୍ମହାନୀ ଅଯଥା ବାଦବିବାଦର ସମ୍ମୁଖୀନ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ଜଞ୍ଜାଳ ଦେଖାଦେବ।

**ଧନୁ:** ମନରେ ଅହଂକାର ଆସିବ। ସହଯୋଗୀ ବା କୁଟୁମ୍ବେ କ୍ରୋଧ ସୃଷ୍ଟି ହେବ। ଆଶାନତି ବଢ଼ିବ। ଆୟ ଓ ବ୍ୟୟର ପରିମାଣ ସମାନ ରହିଲେ ମଧ୍ୟ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ। ମହିଳାମାନେ ଗର୍ବୀ ହେବେ।

**ମକର:** ନୀତି ବହିର୍ଭୁତ କାର୍ଯ୍ୟ କରିବେ। କୂଟ ନୀତିରେ ସଫଳ ପ୍ରାପ୍ତ ହେବ। ଦୂର ସ୍ଥାନକୁ ଯାତ୍ରା କରିବେ। ଲାଭବାନ୍ ହେବେ। ରୋଜଗାର ଭଲ ହେବ। ପରିବାରରେ ଶାନ୍ତି ପାଇବେ। ଦେହ ଓ ମନ ଭଲ ରହିବ।

**କୁମ୍ଭ:** ଦିନଟି ସେତେ ଭଲ ନୁହେଁ। ପରିଶ୍ରମ ତୁଳନାରେ ଫଳ ପ୍ରାପ୍ତି ହେବନାହିଁ। ଦୂରଯାତ୍ରା କିନ୍ତୁ କାର୍ଯ୍ୟହାନୀ। ଆୟରେ ଅଗ୍ରଗତି ହେବ। ପରିବାର ମଧ୍ୟରେ ଜଞ୍ଜାଳ ରହିବନାହିଁ। ମହିଳାମାନେ ସୁଖୀ ହେବେ।

**ମୀନ:** ହସ ଖୁସିରେ ଦିନ କାଟିବେ। କର୍ମକ୍ଷେତ୍ରରେ ସାଫଲ୍ୟତା ପ୍ରାପ୍ତି ହେବ। ଦୂରଯାତ୍ରା କରି ଆୟରେ ପ୍ରଗତି ଘଟାଇବେ। ଲୋକପ୍ରିୟତା ବୃଦ୍ଧି ପାଇବ। ପରିବାରରେ ଦୁଶ୍ଚିନ୍ତାର ଆଶଙ୍କା। ମନ ଅସ୍ଥିର ରହିବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୭।୧।୨୦୨୬, ପୌଷ ଦି୨୩ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୬।୨୪।୨୬ ଚନ୍ଦ୍ରୋଦୟ- ରାଘ ୯।୨୪।୩୦**

ଚତୁର୍ଥୀ ପ୍ରାଘ ୬।୫୩ ପର୍ଯ୍ୟନ୍ତ । **ମଘା ନକ୍ଷତ୍ର-** ଦିଘ ୧୧।୫୮ ପର୍ଯ୍ୟନ୍ତ। **ସିଂହ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ, ମୀନ ରାଶିର। **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ମୂଳା ପ୍ରାଘ ୬।୫୩ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୮।୩୯ ମଧ୍ୟେ । ଦିଘ ୧।୪୨ ଗତେ ଦିଘ ୩।୫୩ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତ ଉପରେ ଆହୁରି ବଢିପାରେ ଟାରିଫ୍, ରୁଷ୍ ତେଲ କିଣିବାକୁ ନେଇ ପୁଣି ଚେତାବନୀ ଦେଲେ ଡୋନାଲ୍ଡ ଟ୍ରମ୍ପ

ଟ୍ରମ୍ପ ଭାରତ ଉପରେ ବଢାଇବ କି ଆଉ ଟାରିଫ୍ ? ପ୍ରଥମ ୨୫ ପ୍ରତିଶତ ଲଗାଇଲେ । ମନ ବୁଝିଲାନି ଆହୁରି ୨୫% ବଢାଇ ମୋଟ୍ ଶୁଳ୍କକୁ ୫୦ ପ୍ରତିଶତ କଲେ । ଏ ନେଇ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଆସିଲା । ଯାହା ଫଳରେ ବାଣିଜ୍ୟ ଚୁକ୍ତି ବି ଅଟକି ରହିଛି । ଏବେ ପୁଣି ଭାରତକୁ ଧମକ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ରୁଷଠାରୁ ତେଲ କଣିବାକୁ ନେଇ ନାଲିଆଖି ଦେଖାଇଛନ୍ତି ଆମେରିକା ରାଷ୍ଟ୍ରପତି । ଯଦି ଭାରତ ରୁଷ୍ ତେଲ ଆମଦାନୀ ଉପରେ ତାଙ୍କୁ ସହଯୋଗ ନକରେ ତେବେ ଭାରତୀୟ ଆମଦାନୀ ଶୁଳ୍କ ବଢିପାରେ । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଶଂସା କରିବା ସହିତ ସେ ଟାରିଫ୍ ବୃଦ୍ଧି ନେଇ ଇସାରା ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ଚେତାବନୀ ଦେଇ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, '' ଭାରତ ଋଷଠାରୁ ତେଲ କ୍ରୟ କରୁଛି । ଏହା ତାଙ୍କୁ ଖୁସି କରୁନି । ଯଦି ଋଷ ତୈଳ ପ୍ରସଙ୍ଗରେ ଭାରତ ସହଯୋଗ କରିବନି ତାହାଲେ କିଛି ଭଲ ହେବନାହିଁ । ଆମେରିକା ବର୍ତ୍ତମାନର ତାରିଫକୁ ଆହୁରି ବଢାଇପାରେ । ଭାରତ ତାଙ୍କୁ ଖୁସି କରିବାକୁ ଚାହୁଁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବହୁତ ଭଲ ଲୋକ । ସେ ଜଣେ ଭଲ ବ୍ୟକ୍ତି । ସେ ଜାଣିଥିଲେ ମୁଁ ଖୁସି ନୁହେଁ । କାରଣ ମତେ ଖୁସି କରିବା ଗୁରୁତ୍ୱପୂର୍ଣ୍ଣ ଥିଲା । ଆମେ ସେମାନଙ୍କ ଉପରେ ବହୁତ ଶୀଘ୍ର ଟାରିଫ୍ ବଢାଇବୁ । ସେମାନେ ବାଣିଜ୍ୟ କରନ୍ତୁ ମୁଁ ସେମାନଙ୍କ ଉପରେ ଶୁଳ୍କ ଲଗାଇବି ।''ଏଜେନ୍ସି ଅନୁଯାୟୀ ସମ୍ବୋଧନରେ ଭାରତ ଏବଂ ରୁଷ ମଧ୍ୟରେ ଚାଲିଥିବା ତୈଳ କାରବାରକୁ ନେଇ ଏପରି କହିଛନ୍ତି ଟ୍ରମ୍ପ । ଯାହାକୁ ଟ୍ରମ୍ପ ପ୍ରଶାସନ ଦୀର୍ଘ ଦିନ ହେବ ବିରୋଧ କରୁଛି । ୨୦୨୫ ଅଗଷ୍ଟ ମାସରେ ୟୁଏସ ଭାରତ ଉପରେ ଦୁଇଗୁଣା ଟାରିଫ୍ ଲଗାଇଥିଲା । ଟ୍ରମ୍ପଙ୍କ ନୂଆ ବୟାନ ଆସିବା ପରେ ପୁଣି ଭାରତ ଏବଂ ରୁଷ ମଧ୍ୟରେ ଥିବା ତୈଳ କାରବାର ପ୍ରଭାବିତ ହୋଇପାରେ । ପୂର୍ବରୁ ନରେନ୍ଦ୍ର ମୋଦି ରୁଷରୁ ତୈଳ କିଣିବେନି ବୋଲି ଟ୍ରମ୍ପଙ୍କୁ ଭରସା ଦେଇଥିଲେ । ହେଲେ ଦିଲ୍ଲୀ ଏହାକୁ ଖଣ୍ଡନ କରି ମୋଦି ଏବଂ ଟ୍ରମ୍ପଙ୍କ ମଧ୍ୟରେ ସେପରି କିଛି କଥା ହୋଇଥିବା କହିଥିଲା ଏବେ ଟ୍ରମ୍ପଙ୍କ ବୟାନ ଭାରତ ସହ ୟୁଏସର ସମ୍ପର୍କରେ ଆହୁରି ତିକ୍ତତା ଆସିବା ଆଶଙ୍କା କରାଯାଉଛି । ରୁଷ୍ ଭାରତକୁ ତେଲ ସପ୍ଲାଏ କରୁଥିବା ବଡ଼ ଦେଶ । ଟ୍ରମ୍ପ ପ୍ରଶାସନର ଅନେକ ଅଧିକାରୀ ପ୍ରଥମ ଅଭିଯୋଗ ଲଗାଇଥିଲେ କି ରୁଷ୍ ଏହି ତେଲ ବ୍ୟବସାୟରୁ ହେଉଥିବା ରୋଜଗାରକୁ ୟୁକ୍ରେନ୍ ଯୁଦ୍ଧରେ ଲଗାଉଛି । ଭାରତ ଏହି ତେଲକୁ ପୁଣି ବିକ୍ରି କରି କୋଟି କୋଟି ଟଙ୍କାର ଲାଭ କରୁଛି । ଟ୍ରମ୍ପଙ୍କ ଉପରେ ଭାରତର ଭାରି ଶୁଳ୍କ ମୁଖ୍ୟତଃ ପୁଟିନ୍‌ଙ୍କ ଉପରେ ଚାପ ପକାଇବା ପାଇଁ ଏକ ପଦକ୍ଷେପ ଭାବରେ ଦେଖାଯାଉଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---

### ସତ୍ୟର ସ୍ୱରାଜ୍ୟ



ସୌରାଜ୍ୟକୁ ଭୁଲିଯାଇ
ଶେଫାଳିର ସୌହାର୍ଦ୍ଦ୍ୟକୁ
ପ୍ରତ୍ୟାଖ୍ୟାନ କରି
କେଶରୀର ନାମେ
ବାହାସ୍ଫୋଟ ମାରି
ସତ୍ୟ ଅହିଂସାର ସିଂହାସନେ
ଅଭିଷିକ୍ତ ହୁଅନ୍ତି ଶୃଗାଳ ।୩।
କେଶରୀର ମୁଖା ଆବରଣ
ସ୍ୱାର୍ଥ କୁର୍ତ୍ତା ଝଡିଯିବ
କେଶରୀ କଂକାଳ ନିଶ୍ଚେ
କରିବ ଗର୍ଜନ
ଭୀମ ଭୟଙ୍କର ମୂର୍ତ୍ତିଧରି
ଘେନିବସେ ଶୃଗାଳ ଜୀବନ
ଶେଷ ହେବ ସ୍ୱାର୍ଥ ସଇତାନ ।୪।
ସୌହାର୍ଦ୍ଦ୍ୟର ଘନଛାୟା ତଳୁ
ଶେଫାଳିର ସୌରଭକୁ
କୋଳେଧରି
ଅହିଂସାର ସିଂହାସନେ – ଅଭିଷିକ୍ତ ହେବ
ସତ୍ୟର ସୌରାଜ୍ୟ ।୫।

# ଭକ୍ତିର ଶକ୍ତି : ଆଧ୍ୟାତ୍ମିକ ଜାଗରଣ ପାଇଁ ଏକ ଯାତ୍ରା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଆଜିର ଦ୍ରୁତ ଗତିଶୀଳ ଦୁନିଆରେ, ଆଭ୍ୟନ୍ତରୀଣ ଶାନ୍ତି ଏବଂ ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଖୋଜିବା ଏକ କଷ୍ଟକର କାର୍ଯ୍ୟ ହୋଇପାରେ । ଆଧୁନିକ ଜୀବନର ବିଶୃଙ୍ଖଳା ଏବଂ ଚାପ ମଧ୍ୟରେ, ଭକ୍ତି ଯୋଗର ପ୍ରାଚୀନ ଜ୍ଞାନ ଆଶାର ଆଲୋକ ପ୍ରଦାନ କରେ । ଜଣେ ପୂଜ୍ୟ ଆଧ୍ୟାତ୍ମିକ ନେତା ଏବଂ ଭଜନ ମାର୍ଗର ପ୍ରତିଷ୍ଠାତା ଭାବରେ, ମୁଁ ପ୍ରେମାନନ୍ଦ ଜୀ ମହାରାଜ, ରାଧା ଏବଂ କୃଷ୍ଣଙ୍କ ପ୍ରତି ପ୍ରେମ ଏବଂ ଭକ୍ତିର ବାର୍ତ୍ତା ପ୍ରସାର ପାଇଁ ମୋର ଜୀବନ ଉତ୍ସର୍ଗ କରିଛି ।

ଭକ୍ତିର ସାର: ଭକ୍ତି, କିମ୍ବା ଭକ୍ତି, ଆତ୍ମ-ସାକ୍ଷରତାର ସର୍ବୋଚ୍ଚ ପଥ । ଏହା ହୃଦୟର ଏକ ଯାତ୍ରା, ଯେଉଁଠାରେ ଜଣେ ପ୍ରେମ ଏବଂ ଦିବ୍ୟତା ପ୍ରତି ଆତ୍ମସର୍ମପଣକୁ ବିକଶିତ କରିଥାଏ । ଭକ୍ତି ମାଧ୍ୟମରେ, ଆମେ ଭୌତିକ ଜଗତର ସୀମା ଅତିକ୍ରମ କରି ପରମ ବାସ୍ତବତାକୁ ଅନୁଭବ କରିପାରିବା । ଭକ୍ତିର ସୌନ୍ଦର୍ଯ୍ୟ ଏହାର ସରଳତା ଏବଂ ସାର୍ବଭୌମତ୍ୱରେ ନିହିତ, ଯାହା ଏହାକୁ ଜୀବନର ସମସ୍ତ କ୍ଷେତ୍ରର ଲୋକଙ୍କ ପାଇଁ ସୁଗମ କରିଥାଏ ।

ଗୁରୁଙ୍କ ଦାୟିତ୍ୱ : ଜଣେ ଗୁରୁ, କିମ୍ବା ଆଧ୍ୟାତ୍ମିକତା ଶିକ୍ଷକ ଭକ୍ତି ପଥରେ ଆମକୁ ମାର୍ଗଦର୍ଶନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଜଣେ ପ୍ରକୃତ ଗୁରୁ ଜ୍ଞାନ, ମାର୍ଗଦର୍ଶନ ଏବଂ ସମର୍ଥନ ପ୍ରଦାନ କରନ୍ତି, ଯାହା ଆମକୁ ଆଧ୍ୟାତ୍ମିକ ବିକାଶର ଜଟିଳତାକୁ ଦୂର କରିବାରେ ସାହାଯ୍ୟ କରେ । ଶ୍ରୀ ହିତ ଗୌରାଙ୍ଗୀ ଶରଣ ଜୀ ମହାରାଜ, ମୋ ଆଧ୍ୟାତ୍ମିକ ଯାତ୍ରାରେ ପ୍ରେରଣା ଏବଂ ମାର୍ଗଦର୍ଶନର ଏକ ନିରନ୍ତର ଉତ୍ସ ହୋଇ ଆସିଛନ୍ତି ।

କୀର୍ତ୍ତନ ଏବଂ ସତ୍‌ସଙ୍ଗର ଶକ୍ତି: କୀର୍ତ୍ତନ, କିମ୍ବା ଭକ୍ତି ଗାନ, ଆଧ୍ୟାତ୍ମିକ ବିକାଶ ପାଇଁ ଏକ ଶକ୍ତିଶାଳୀ ଉପକରଣ । ଏହା ଆମକୁ ଦିବ୍ୟ ସହିତ ସଂଯୋଗ କରିବାରେ ସାହାଯ୍ୟ କରେ ଏବଂ ଆନ୍ତରିକ ଶାନ୍ତି ଏବଂ ଆନନ୍ଦର ଭାବନାକୁ ବୃଦ୍ଧି କରେ । ସତ୍‌ସଙ୍ଗ, କିମ୍ବା ଆଧ୍ୟାତ୍ମିକ ପ୍ରବଚନ, ସାଧକମାନଙ୍କୁ ଏକାଠି ହେବାକୁ ଏବଂ ସେମାନଙ୍କର ଅଭିଜ୍ଞତା ବାଣ୍ଟିବା ପାଇଁ ଏକ ମଞ୍ଚ ପ୍ରଦାନ କରେ, ଯାହା ସମାଜ ଏବଂ ଆଧ୍ୟାତ୍ମିକ ବିକାଶର ଭାବନାକୁ ପ୍ରୋତ୍ସାହିତ କରେ ।

ବୃନ୍ଦାବନର ଗୁରୁତ୍ୱ: ରାଧା ଏବଂ କୃଷ୍ଣଙ୍କ ପବିତ୍ର ଭୂମି, ବୃନ୍ଦାବନ, ଭକ୍ତମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ଏହା ଏକ ତୀର୍ଥସ୍ଥାନ, ଯେଉଁଠାରେ ଜଣେ ପରମ ଦମ୍ପତିଙ୍କ ଦିବ୍ୟ ପ୍ରେମ ଏବଂ ସୌନ୍ଦର୍ଯ୍ୟ ଅନୁଭବ କରିପାରିବେ । ଶ୍ରୀ ରାଧା କେଳି କୁଞ୍ଜ, ବୃନ୍ଦାବନରେ ଅବସ୍ଥିତ, ଭକ୍ତମାନଙ୍କୁ ଏକାଠି ହେବା ଏବଂ ଭକ୍ତିର ଆନନ୍ଦ ଅନୁଭବ କରିବା ପାଇଁ ଏକ ଶାନ୍ତ ଏବଂ ପବିତ୍ର ସ୍ଥାନ ପ୍ରଦାନ କରେ ।

ଆଧୁନିକ ସମୟରେ ଭକ୍ତିର ପ୍ରାସଙ୍ଗିକତା : ଆଜିର ବିଶ୍ୱରେ, ଯେଉଁଠାରେ ଚାପ ଏବଂ ଚିନ୍ତା ବହୁଳ ଭାବରେ ବୃଦ୍ଧି ପାଉଛି, ଭକ୍ତିର ବାର୍ତ୍ତା ପୂର୍ବାପେକ୍ଷା ଅଧିକ ପ୍ରାସଙ୍ଗିକ । ଭକ୍ତି ଆଧୁନିକ ଜୀବନୀ ଚ୍ୟାଲେଞ୍ଜଗୁଡିକରେ ଏକ ଶକ୍ତିଶାଳୀ ପ୍ରତିଷେଧକ ପ୍ରଦାନ କରେ, ଯାହା ଶାନ୍ତି, ଉଦ୍ଦେଶ୍ୟ ଏବଂ ପରିପୂର୍ଣ୍ଣତାର ଭାବନା ପ୍ରଦାନ କରେ । ଭକ୍ତିକୁ ଆମର ଦୈନନ୍ଦିନ ଜୀବନରେ ସାମିଲ କରି, ଆମେ ଆମର ଅସ୍ତିତ୍ୱକୁ ପରିବର୍ତ୍ତନ କରିପାରିବା ଏବଂ ଏଥିରେ ଥିବା ଦିବ୍ୟ ପ୍ରେମ ଏବଂ ଆନନ୍ଦକୁ ଅନୁଭବ କରିପାରିବା ।

ଭକ୍ତିର ପଥ ଏକ ଯାତ୍ରା, ଏକ ଗନ୍ତବ୍ୟସ୍ଥଳ ନୁହେଁ । ଏଥିପାଇଁ ସମର୍ପଣ, ଦୃଢତା ଏବଂ ଦିବ୍ୟଙ୍କ ନିକଟରେ ଆତ୍ମସମର୍ପଣ କରିବାର ଇଚ୍ଛା ଆବଶ୍ୟକ । ଯେତେବେଳେ ଆମେ ଏହି ଯାତ୍ରା ଆରମ୍ଭ କରୁ, ଆମେ ଗୁରୁମାନଙ୍କ ଜ୍ଞାନ, ଦିବ୍ୟ ପ୍ରେମ ଏବଂ ସାଥୀ ସାଧକଙ୍କ ସମର୍ଥନ ସହିତ ଥାଉ । ଆମେ ଭକ୍ତିର ପଥ ଚାଲୁ, ଆମ ଚାରିପାଖରେ ଥିବା ସମସ୍ତଙ୍କୁ ପ୍ରେମ, ଶାନ୍ତି ଏବଂ ଆନନ୍ଦ ବିସ୍ତାର କରୁ । ପ୍ରେମାନନ୍ଦ ଜୀ ମହାରାଜ, ଜଣେ ପୂଜ୍ୟ ଆଧ୍ୟାତ୍ମିକ ନେତା ଏବଂ ବୃନ୍ଦାବନର ଶ୍ରୀ ହିତ ରାଧା କେଳି କୁଞ୍ଜ ଆଶ୍ରମର ପ୍ରତିଷ୍ଠାତା । ତାଙ୍କ ଜୀବନ ଇତିହାସର ଏକ ସଂକ୍ଷିପ୍ତ ବିବରଣୀ ଏଠାରେ ଦିଆଯାଇଛି ।

ପ୍ରାଚୀନ ଜୀବନ : ପ୍ରେମାନନ୍ଦ ଜୀ ମହାରାଜଙ୍କ ଜନ୍ମ ମାର୍ଚ୍ଚ ୩୦, ୧୯୬୯ରେ ଉତ୍ତର ପ୍ରଦେଶର କାନପୁର ନିକଟସ୍ଥ ସାରସୌଲ ବ୍ଲକର ଆଖ୍ରି ଗାମରେ ହୋଇଥିଲା । ତାଙ୍କ ପିତାମାତା, ଶ୍ରୀ ରାମ ନରେଶ ପାଣ୍ଡେ ଏବଂ ଶ୍ରୀମତୀ ଶିବ ରାଣୀ ପାଣ୍ଡେ ଭକ୍ତ ହିନ୍ଦୁ ଥିଲେ ଯେଉଁମାନେ ଆଧ୍ୟାତ୍ମିକତା ପ୍ରତି ତାଙ୍କର ପ୍ରାରମ୍ଭିକ ଆଗ୍ରହକୁ ସମର୍ଥନ କରିଥିଲେ । ୧୩ବର୍ଷ ବୟସରେ, ସେ ତ୍ୟାଗ ଏବଂ ଆଧ୍ୟାତ୍ମିକ ବିକାଶର ଜୀବନ ବିତାଇବା ପାଇଁ ଘର ଛାଡିଥିଲେ ।

ଆଧ୍ୟାତ୍ମିକ ଯାତ୍ରା : ପ୍ରେମାନନ୍ଦ ଜୀ ମହାରାଜ ବର୍ଷ ବର୍ଷ ଧରି ବାରାଣସୀର ଘାଟରେ ଧ୍ୟାନ କରି ପ୍ରତିଦିନ ତିନିଥର ଗଙ୍ଗାରେ ସ୍ନାନ କରି ଏବଂ ଆଧ୍ୟାତ୍ମିକ ବିକାଶ ଅନୁଭବ କରି ବିତାଇଥିଲେ । ଶ୍ରୀ ହିତ ଗୌରାଙ୍ଗୀ ଶରଣ ଜୀ ମହାରାଜ ଯିଏକି ବଡେ ଗୁରୁଜୀ ଭାବରେ ମଧ୍ୟ ଜଣାଶୁଣା, ତାଙ୍କୁ ରାଧା ବଲ୍ଲଭ ସମ୍ପ୍ରଦାୟରେ ଦୀକ୍ଷିତ୍ କରାଯାଇଥିଲା । ତାଙ୍କ ଗୁରୁଙ୍କ ମାର୍ଗଦର୍ଶନରେ ପ୍ରେମାନନ୍ଦ ଜୀ ମହାରାଜ ରାଧା ଏବଂ କୃଷ୍ଣଙ୍କ ପ୍ରତି ତାଙ୍କର ଭକ୍ତିକୁ ଆହୁରି ଗଭୀର କରିଥିଲେ, ଶେଷରେ ବୃନ୍ଦାବନରେ ନିଜର ଆଶ୍ରମ ପ୍ରତିଷ୍ଠା କରିଥିଲେ ।

ଶିକ୍ଷା ଏବଂ ଐତିହ୍ୟ : ପ୍ରେମାନନ୍ଦ ଜୀ ମହାରାଜଙ୍କ ଶିକ୍ଷା ଭକ୍ତି, ତ୍ୟାଗ ଏବଂ ନିଃସ୍ୱାର୍ଥପର ପ୍ରେମର ଗୁରୁତ୍ୱ ଉପରେ ଗୁରୁତ୍ୱ ଦିଏ । ତାଙ୍କର ପ୍ରବଚନ ଏବଂ ସତସଙ୍ଗ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଛି ଏବଂ ବୃନ୍ଦାବନରେ ଥିବା ତାଙ୍କ ଆଶ୍ରମ ଆଧ୍ୟାତ୍ମିକ ସାଧକଙ୍କ ପାଇଁ ଏକ କେନ୍ଦ୍ର ପାଲଟିଛି । ସେ 'ବ୍ରହ୍ମଚର୍ଯ୍ୟ' ଏବଂ 'ଆଧ୍ୟାତ୍ମିକ ଜାଗରଣ' ସମେତ ଅନେକ ପୁସ୍ତକ ଲେଖିଛନ୍ତି । ଦୁର୍ଭାଗ୍ୟବଶତଃ, ପ୍ରେମାନନ୍ଦ ଜୀ ମହାରାଜ ବର୍ତ୍ତମାନ ପଲିସିଷ୍ଟିକ୍ ବୃକକ୍ ରୋଗ (PKD) ସହିତ ଲଢୁଛନ୍ତି, ଯାହା ବୃକକ୍ ବିଫଳତାକୁ ନେଇଛି । ସେ ନିୟମିତ ଡାଏଲିସିସ୍ ସେସନ୍ କରନ୍ତି କିନ୍ତୁ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ସତ୍ତ୍ୱେ ଭକ୍ତମାନଙ୍କ ସହିତ ଜଡିତ ରୁହନ୍ତି ଏବଂ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରନ୍ତି । ତାଙ୍କୁ ବିଶ୍ୱ ସ୍ତରରେ ସର୍ବାଧିକ ଅନୁଗାମୀ ଆଧ୍ୟାତ୍ମିକ ନେତାମାନଙ୍କ ମଧ୍ୟରୁ ଜଣେ ଭାବରେ ବିବେଚନା କରାଯାଏ, ତାଙ୍କର ଅନଲାଇନ୍ ଏବଂ ଅଫଲାଇନ୍‌ରେ ଗୁରୁତ୍ୱପୂର୍ଣ୍ଣ ଉପସ୍ଥିତି ରହିଛି । ତାଙ୍କ ଭକ୍ତମାନଙ୍କ ମଧ୍ୟରେ ବିରାଟ କୋହଲି, ଅନୁଷ୍କା ଶର୍ମା, ହେମା ମାଳିନୀ, ଗ୍ରେଟ୍ ଖଲି ଏବଂ RSSମୁଖ୍ୟ ମୋହନ ଭାଗବତ ଭଳି ପ୍ରମୁଖ ବ୍ୟକ୍ତିତ୍ୱ ଅନ୍ତର୍ଭୁକ୍ତ । ଅନେକ ଲୋକ ତାଙ୍କର ଆଧ୍ୟାତ୍ମିକ ଜ୍ଞାନ, କରୁଣାପୂର୍ଣ୍ଣ ଆଭିମୁଖ୍ୟ ଏବଂ ଭକ୍ତି ଯୋଗ ଏବଂ ସନାତନ ଧର୍ମ ଉପରେ ଶିକ୍ଷା ପ୍ରତି ଆକର୍ଷିତ ହୁଅନ୍ତି । ପ୍ରେମାନନ୍ଦ ଜୀ ମହାରାଜଙ୍କ ପ୍ରବଚନଗୁଡିକ ଜ୍ଞାନ, ପ୍ରେମ ଏବଂ ଭକ୍ତିରେ ପରିପୂର୍ଣ୍ଣ । ଏଠାରେ କିଛି ପ୍ରମୁଖ କଥା ଦିଆଯାଇଛି । ନାମ ଜପର ଗୁରୁତ୍ୱ : ପ୍ରେମାନନ୍ଦ ଜୀ ଆଧ୍ୟାତ୍ମିକ ବିକାଶ ଏବଂ ଶାନ୍ତି ପାଇବା ପାଇଁ 'ରାଧେ ରାଧେ' କିମ୍ବା 'ଶ୍ରୀ ରାଧା କୃଷ୍ଣ' ଜପର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରନ୍ତି । ସେ ବିଶ୍ୱାସ କରନ୍ତି ଯେ ଏହି ଅଭ୍ୟାସ ଭକ୍ତମାନଙ୍କ ଜୀବନର ଚ୍ୟାଲେଞ୍ଜରୁ ରକ୍ଷା କରିପାରିବ ଏବଂ ସେମାନଙ୍କୁ ଈଶ୍ୱରଙ୍କ ନିକଟତର କରିପାରିବ ।

ଆତ୍ମ ପ୍ରତିଫଳନ ଏବଂ ଆତ୍ମନିରୀକ୍ଷଣ : ସେ ଭକ୍ତମାନଙ୍କୁ ନିଜକୁ ଏବଂ ଜୀବନର ଉଦ୍ଦେଶ୍ୟକୁ ବୁଝିବା ପାଇଁ ଆତ୍ମ-ପ୍ରତିଫଳନ, ନୀରବତା ଏବଂ ଧ୍ୟାନରେ ନିୟୋଜିତ ହେବାକୁ ଉତ୍ସାହିତ କରନ୍ତି । ନିୟମିତ ଆତ୍ମନିରୀକ୍ଷଣ ବ୍ୟକ୍ତିମାନଙ୍କୁ ଉନ୍ନତି ପାଇଁ କ୍ଷେତ୍ରଗୁଡିକୁ ଚିହ୍ନଟ କରିବାରେ ଏବଂ ଆନ୍ତରିକ ଶକ୍ତିର ଭାବନା ସୃଷ୍ଟି କରିବାରେ ସାହାଯ୍ୟ କରେ ।

ସେବା ଓ କରୁଣା: ପ୍ରେମାନନ୍ଦ ଜୀ ଅନ୍ୟମାନଙ୍କର ସେବା କରିବ ଏବଂ ସମସ୍ତ ଜୀବଜନ୍ତୁଙ୍କ ପ୍ରତି ଦୟାଳୁ ହେବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରନ୍ତି । ଏହା କରିବା ଦ୍ୱାରା, ବ୍ୟକ୍ତିମାନେ ଅନ୍ୟମାନଙ୍କ ସହିତ ଏକତା ଏବଂ ସଂଯୋଗର ଭାବନା ସୃଷ୍ଟି କରିପାରିବେ । ଭୌତିକ ଇଚ୍ଛାକୁ ପରିତ୍ୟାଗ କରିବା :ସେ ଭକ୍ତମାନଙ୍କୁ ଭୌତିକ ସମ୍ପତି ଏବଂ ଇଚ୍ଛାରୁ ନିଜକୁ ଅଲଗା କରିବାକୁ ପରାମର୍ଶ ଦିଅନ୍ତି, ଯାହା ଆଧ୍ୟାତ୍ମିକ ବିନାଶରୁ ଦୁଃଖ ଏବଂ ବିଭ୍ରାନ୍ତି ଆଣିପାରେ ।

ଗୁରୁଙ୍କ ମାର୍ଗଦର୍ଶନ : ପ୍ରେମାନନ୍ଦ ଜୀ ଆଧ୍ୟାତ୍ମିକତାର ପଥକୁ ନେଭିଗେଟ୍ କରିବାରେ ଜଣେ ଗୁରୁ କିମ୍ବା ଆଧ୍ୟାତ୍ମିକ ମାର୍ଗଦର୍ଶକର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରନ୍ତି । ଜଣେ ଗୁରୁ ଭକ୍ତମାନଙ୍କୁ ଜୀବନର ଦ୍ୱିଧାପୂର୍ଣ୍ଣ ଜ୍ଞାନକୁ ଦୂର କରିବାରେ ସାହାଯ୍ୟ କରିବା ପାଇଁ ମାର୍ଗଦର୍ଶନ, ସମର୍ଥନ ଏବଂ ଜ୍ଞାନ ପ୍ରଦାନ କରନ୍ତି ।

# ଶରୀର ଦେଶୀ ମନ ବିଦେଶୀ



ଡ଼ ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
୯୭୭୮୭୬୪୩୯୪

ଗାଁରେ ଥିବା ଜଣେ ଋଷୀକୁ ନିକଟସ୍ଥ ସହରର ଲୋକମାନେ ଆସି ମାଡ଼ ମାରିବା ସହିତ ଧମକାଇବା କଥା ମୋ କାନରେ ପଡ଼ିଲା । ଜଣେ ଗରୀବ ଓ ଖଟିଖିଆ ଲୋକ ଉପରେ ଏହା ଏକ ଅତ୍ୟାଚାର ବୋଲି ମନେକରି ମୁଁ ସେଠାରେ ପହଞ୍ଚି କଥା କ'ଣ ହୋଇଛି ବୋଲି ଜାଣିବାକୁ ଚାହିଁବାରୁ ଘେରିଥିବା ଲୋକମାନେ କହିଲେ ଆପଣ ଜାଣିଛନ୍ତି ଏହି ଲୋକଟି ଆମ ବଜାରକୁ ଯାଇ କି ପରିବା ବିକୁଛି ଯେ ଆମ ସମସ୍ତଙ୍କ ଦେହରେ ଆଲର୍ଜି, ପେଟ ଭଲ ରହୁନି, ଆଖି ଲାଲ୍ ପଡୁଛି ଆଦି ଅନେକ ଶାରୀରିକ ଅସୁସ୍ଥତା ଦେଖାଯାଉଛି । ଆମେ ଅନୁମାନ କରୁଛୁ ଇଏ ବିକୁଥିବା ପରିବାରେ ବେଶୀ ବିଷ ଦେଉଛି । ଶେଷରେ ଜଣାପଡ଼ିଲା ଉକ୍ତ ଋଷୀ ଜଣକ ନିଜ ପରିବା ଏବଂ ଫଳକୁ ଖୁବ୍ ଶୀଘ୍ର ବଢ଼ାଇବା ପାଇଁ ନିୟମିତ ଭାବେ ହରମୋନ୍‌ର ପ୍ରୟୋଗ କରି ଥାଆନ୍ତି । ତେବେ ଏହା ଜଣେ ଋଷୀ କିମ୍ବା କିଛି ଗ୍ରାହକଙ୍କର କାହାଣୀ ନୁହେଁ ବରଂ ଏହିସବୁ କୃଷି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟରେ ମାତ୍ରାଧିକ କୃତ୍ରିମ ସାର, ବିଷର ପ୍ରୟୋଗ ଆମ ସମସ୍ତଙ୍କ ଶାରୀରିକ, ମାନସିକ ତଥା ସାମାଜିକ ସ୍ୱାସ୍ଥ୍ୟକୁ ବିଗାଡ଼ିବାରେ ଲାଗିଛି । କୃଷିକ୍ଷେତ୍ରରେ ବିଦେଶୀ କମ୍ପାନୀମାନଙ୍କ ପ୍ରବେଶ, ଚୁକ୍ତିଭିତ୍ତିକ କୃଷି ଆମର ପାରମ୍ପରିକ ତଥା ଦେଶୀ ଋଷକୁ ନଷ୍ଟ କରିଦେଇ ସେମାନଙ୍କର ନିଜସ୍ୱ କୃଷି ପଦ୍ଧତିର ପ୍ରୟୋଗ କରିବା ପାଇଁ ବାଧ କରି ଥାଆନ୍ତି । ଯାହା ଆର୍ଥିକ ଭାବେ ଲାଭପ୍ରଦ ହେଲେ ମଧ୍ୟ ଉଭୟ ସ୍ୱାସ୍ଥ୍ୟ ଏବଂ ପରିବେଶ ଦୃଷ୍ଟିରୁ ହାନୀକାରକ ହୋଇଥାଏ । ଜମିରେ ବିଦେଶୀ ମଞ୍ଜି ପୁଞ୍ଜି, ବିହନ, ସାର ଏବଂ ଅନ୍ୟାନ୍ୟ ସରଞ୍ଜାମ ବ୍ୟବହାର ଆଜିକାଲି ସମୟର ନୁହେଁ ବରଂ ଇଂରେଜମାନଙ୍କ ଅମଳରୁ ଏହା ଋଲି ଆସିଛି । ଉକ୍ତ ସମୟରୁ ଭାରତରେ ନୀଳଋଷ, ଋ ଏବଂ କଫି ଋଷ ଆରମ୍ଭ କରାଯିବା ଫଳରେ ଭାରତ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ପାଇଥିଲା । କିନ୍ତୁ ତାହା ଜମିର ଉର୍ବରତା ନଷ୍ଟ କରିବା ସହିତ ଗୋତି ବା ବାଧ୍ୟବାଧକରେ ପ୍ରବାସୀ ଶ୍ରମିକ ପ୍ରଥାକୁ ପ୍ରୋତ୍ସାହିତ କରିଥିଲା ଯେଉଁଥିପାଇଁ ଇଂରେଜମାନଙ୍କ ଅର୍ଥନୀତି ଲାଭାନ୍ୱିତ ହେବା ସହିତ ଭାରତୀୟ ଅର୍ଥନୀତି ବିଗିଡ଼ିବା ଆରମ୍ଭ କଲା ଏବଂ ଶ୍ରମିକମାନେ ବିଭିନ୍ନ ଭାବରେ ଅତ୍ୟାଋରିତ ହେଲେ । ଭାରତୀୟମାନଙ୍କର ହସ୍ତତନ୍ତକୁ ପଙ୍ଗୁ କରିଦେଇ ମେସିନ୍ ଲୁଗା ଏବଂ ପୋଷାକ ଆମଦାନୀ ଫଳରେ ଭାରତର ଅର୍ଥନୀତି ବିଶେଷ ଭାବେ ପ୍ରଭାବିତ ହେଲେ ମଧ୍ୟ ଅପେକ୍ଷାକୃତ ଶସ୍ତାରେ ଏଗୁଡ଼ିକ ମିଳୁଥିବାରୁ ଲୋକମାନେ ସେସବୁ ବସ୍ତ୍ର ପ୍ରତି ଆକୃଷ୍ଟ ହେବାରେ ଲାଗିଲେ । ଇଂରେଜମାନଙ୍କ ସମୟରେ ବ୍ରେଡ୍-ଆମ୍‌ଲେଟ୍, କଟ୍‌ଲେଟ୍ ଖାଦ୍ୟ ଆରମ୍ଭ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ପିଜା, ବର୍ଗର, ମୋମୋ, ଋଓମିନ୍ ଆଦି ଖାଦ୍ୟ ଆମର ଖାଦ୍ୟସୂଚୀରେ ସ୍ଥାନ ପାଇଛି । ନିଜ ଭାଷା ଛାଡି ଅନ୍ୟ ଭାଷାକୁ ପ୍ରାଧାନ୍ୟ ଦେବା ପାଇଁ ଆମେ ପଛଘୁଞ୍ଚା ଦେବାକୁ ଭୁଲୁନାହାଁନ୍ତି । ମନେ ହେଉଛି ଯେମିତି ଆମର ଖାଦ୍ୟ, ବେଶପୋଷାକ, ଭାଷା, ସଂସ୍କୃତି ସବୁ ବିଦେଶୀମାନଙ୍କ ଦ୍ୱାରା ବେଶ୍ ପ୍ରଭାବିତ । ଉଦାରବାଦ ଏବଂ ବିଶ୍ୱଭାତୃତ୍ୱକୁ ଆମେ ଆପଣାଉଥିବା ବେଳେ ନିଜସ୍ୱ ପାରମ୍ପରିକ ଖାଦ୍ୟ, ପାନୀୟ, ଶିକ୍ଷା ସଂସ୍କୃତି ଆଦିକୁ ବଳି ପକାଇବା ବାସ୍ତବ ସ୍ୱାଧୀନତାର ପରିପନ୍ଥୀ ନୁହେଁ କି ?

ତେବେ ଆମ ଭିତରୁ କିଛି ଲୋକ ନିଜ ସ୍ୱାସ୍ଥ୍ୟ ପ୍ରତି ବେଶ୍ ଯତ୍ନବାନ । ସେଥିପାଇଁ ଖାଦ୍ୟ, ପାନୀୟ ଆଦି ଉପରେ ସେମାନେ ଖୁବ୍ ଯତ୍ନବାନ ଥାଆନ୍ତି । ନିଜର ସ୍ୱାସ୍ଥ୍ୟରକ୍ଷା ପାଇଁ ସେମାନେ ପୁରୁଣା ଦିନର ଢିଙ୍କିକୁଟା ଚୂଡ଼ା ଓ ଋଉଳକୁ ଭଲ ପାଇବା ସହିତ ଘଣା ପେଶା ତେଲ ଏବଂ ବିଭିନ୍ନ ଦେଶୀ ପନିପରିବା ଖାଇବା ଉପରେ ଗୁରୁତ୍ୱ ଦେଇଥାଆନ୍ତି । ସୁଟ୍ ବୁଟ୍ ପିନ୍ଧୁଥିବା ମଣିଷମାନେ ଦିନରେ କଂକ୍ରିଟ୍ ଘର, ଏ.ସି. ଆଦି ଖୋଜୁଥିବା ବେଳେ ସକାଳୁ କିମ୍ବା ସନ୍ଧ୍ୟାରେ ଜୋତା ମୋଜା ଖୋଲି ଖାଲିପାଦରେ ମାଟି କିମ୍ବା ଘାସ ଉପରେ ଋଲିବାରେ ସେମାନଙ୍କର ଭାରି ଆଗ୍ରହ । କିଛି ଲୋକ ମଧ୍ୟ ଜାଣିଶୁଣି ବଜାରକୁ ଯାଇ ପୋକଡ଼ା ପରିବା କିଣି ଥାଆନ୍ତି । କାରଣ ସେମାନଙ୍କ ମତରେ ଯେଉଁ ପରିବା ଉପରେ ବିଷ ପଡ଼ି ନଥାଏ ସେଗୁଡ଼ିକ ପୋକଡା ହୋଇଥାଆନ୍ତି । ବର୍ଷରେ କିଛିଦିନ ପାହାଡ଼, ଜଙ୍ଗଲ ଭରା ଅଂଚଳକୁ ଯାଇ ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିବା ସହିତ, ପଶୁ ପକ୍ଷୀ, କୀଟପତଙ୍ଗଙ୍କର ବିଭିନ୍ନ ଶବ୍ଦ, କଳରବରେ ନିଜକୁ ତଲ୍ଲୀନ କରିବା ପାଇଁ ପ୍ରୟାସ କରିଥାଆନ୍ତି ।

ଅନ୍ୟପକ୍ଷରେ ଦେଶୀ ମଣିଷମାନେ କିନ୍ତୁ ବିଦେଶୀ ଜିନିଷ, କଥାବାର୍ତ୍ତା, ବେଶଭୂଷାକୁ ନେଇ ବେଶ୍ ଗର୍ବିତ ମନେ କରିଥାଆନ୍ତି । କିଏ କହେ ଏହି ସାର୍ଟଟି ଆମେରିକାରୁ ଆସିଛି ତ ଆଉ କିଏ କହେ ଏହି ପେନ୍‌କୁ ମୁଁ ଲଣ୍ଡନରୁ ଆଣିଛି । ନିଜ ଦେଶର ଐତିହ୍ୟ, ସଂସ୍କୃତି, ପର୍ଯ୍ୟଟନ ସ୍ଥଳୀ ଆଦି ଉପରେ ଏମାନେ ବିଶେଷ ଜ୍ଞାନ ରଖି ନଥିଲେ ମଧ୍ୟ ବିଦେଶୀ ପରମ୍ପରା, ଖାଦ୍ୟ, ବସ୍ତ୍ରକୁ ଅନୁକରଣ କରି ନିଜେ ପାଶ୍ଚାତ୍ୟ ଜୀବନଶୈଳୀକୁ ଆପଣେଇବାକୁ ସେମାନେ ଶ୍ରେୟ ମନେ କରିଥାଆନ୍ତି । ପରିସ୍ଥିତି ଏମିତି ହୁଏ ସେମାନେ ନିଜ ସଂସ୍କୃତିକୁ ଅନ୍ୟମାନଙ୍କ ଆଗରେ ସଠିକ୍ ଢଙ୍ଗରେ ପ୍ରକାଶ କରିବା ପାଇଁ ସଂକୋଚ୍ କରିଥାଆନ୍ତି । ଯହାଫଳରେ ନିଜର ଭାଷା, ସାହିତ୍ୟ, ସଂସ୍କୃତି ଆଦି ପ୍ରୋତ୍ସାହନ ପାଇବାରୁ ବଞ୍ଚିତ ହୋଇ ଥାଆନ୍ତି। ଛତାଠାରୁ ଜୋତା, ଭାଷା ଠାରୁ ଭବିଷ୍ୟତକୁ ବିଦେଶୀ କରିଦେଲେ ଜଣେ ବିଦେଶୀ ବାବୁ ହୋଇଯିବେ ସେଥିରେ କିଛି ଗ୍ୟାରେଣ୍ଟି ନଥାଏ। ସାଧାରଣଭାବେ ଯେଉଁ ରାଷ୍ଟ୍ରର ମୁଦ୍ରାର ଦାମ୍ ଯେତେ ଅଧିକ ସେ ଦେଶ ପ୍ରତି ଆକର୍ଷଣ ସେତେ ଅଧିକ । କେଉଁଠି ପାଠପଢ଼ା ପାଇଁ ସହଜ ଓ ସରଳ ଉପାୟ ତ ଆଉ କେଉଁଠି ଶିକ୍ଷାନୁଷ୍ଠାନମାନଙ୍କ ନାଁ କୁ ନେଇ ଲୋକମାନେ ଗର୍ବିତ ହୋଇଥାଆନ୍ତି ।

ଏହା ବାଦ୍ କର୍ମସଂସ୍ଥାନ ଖୋଜିବା ନାଁରେ ଲୋକମାନେ ବିଦେଶୀ ମାୟାରେ ପଡିଥା'ନ୍ତି। ଆଜିକାଲି ରାଷ୍ଟ୍ରବାଦର ଦ୍ୱାହି ଦେଇ ଅନେକ ଜାଗାରେ ବିଦେଶୀ ମାନଙ୍କୁ ନିଜ ଦେଶରେ ଆକ୍ରମଣ କରିବା, କିମ୍ବା ତଡ଼ିଦେବା ମାନବିକତାର ପରିପନ୍ଥୀ । ଅନେକ ସମୟରେ କେଉଁ ଦେଶରେ ଭାରତୀୟ ବଂଶୋଦ୍ଭବମାନଙ୍କର କି ସ୍ଥିତି ସମ୍ପର୍କରେଯେତେବେଳେ ଆଲୋଚ଼ନା ହୁଏ ସେତେବେଳେ ବିଦେଶରେ ଥିବା ଭାରତୀୟମାନେ ଭାରତକୁ ଝୁରି ହୁଅନ୍ତି ଆଉ ସ୍ମୃତି ରୋମନ୍ଥନ କରିଥାଆନ୍ତି । କିନ୍ତୁ ଆମଦେଶରେ ରହିଥିବା ଲୋକ ବିଦେଶୀ ଲୋକ, ଋଲିଚ଼ଳଣୀ, ଖାଦ୍ୟ, ପାନୀୟ ଇତ୍ୟାଦିର କିମିଆଁରେ ପ୍ରଭାବିତ ହୋଇ ଥାଆନ୍ତି । ତେଣୁ କାହାର ମନ ବିଦେଶୀ ଦେହ ଦେଶୀ ହୋଇଥିବା ବେଳେ କାହାର ଦେହ ବିଦେଶୀ ହୋଇଥିଲେ ମଧ୍ୟ ମନ ଦେଶୀ ହୋଇ ରହିଥାଏ ତାହା ସ୍ଥାନ କାଳ ଓ ପାତ୍ର ହିସାବରେ ନିର୍ଣ୍ଣୟ ହୋଇଥାଏ ।

# ୧୦୦ବର୍ଷର ଭାଷା ଆନ୍ଦୋଳନ ଆଜି କେତେ ଯଥାର୍ଥ ?



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍–୧/
୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ ହୋଇ ଗୌରୀଶଙ୍କର ରାୟ, ଫକୀର ମୋହନ ସେନାପତି, ମଧୁସୂଦନ ଦାସ ଆଦି ଓଡିଆ ପୁଅମାନଙ୍କ ନେତୃତ୍ୱରେ ବିଖଣ୍ଡିତ ଓଡିଶା ପ୍ରଦେଶକୁ ଏକ ଭାଷାଭିତ୍ତିକ ରାଜ୍ୟ ଭାବେ ଏପ୍ରିଲ ୧,୧୯୩୬ରେ ପୁନର୍ଗଠନ କରିବାପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା । ତାହାର ପ୍ରଥମ ଲକ୍ଷ୍ୟ-ସ୍ୱତନ୍ତ୍ର ପ୍ରଦେଶ ପାଇଲା କିନ୍ତୁ ସେବେଠାରୁ ଆଜି ପର୍ଯ୍ୟନ୍ତ ଏ ଆନ୍ଦୋଳନର ଅନ୍ୟ ଲକ୍ଷ୍ୟ ସବୁ କାର୍ଯ୍ୟକାରିତାର ଅନେକ ଦୂରରେ । ଯେଉଁ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସମାଜକୁ ନେଇ ଉତ୍କଳ ପ୍ରଦେଶ ଗଠନ କରାଯାଇଥିଲା ଆଜି ତାହା ଆଞ୍ଚଳିକ ଭାଷାର ଦ୍ୱନ୍ଦ୍ୱରେ ଛନ୍ଦି ହୋଇ ମୂଳ ଓଡିଆତ୍ୱକୁ ଛାଡି ଖାଲି ଦେଖାଣିଆ ଓଡିଆରେ ମାତିଛି । ଯେଉଁ ଓଡିଆ ଭାଷା ଆଜି ଭାରତର ୮ଟି ସାଂସ୍କୃତିକ ଭାଷା ବୋଲି ଆମେ ଗର୍ବ କରୁଛେ ସେ ଓଡିଆ ଭାଷାର ଶ୍ରେଷ୍ଠ ବିନ୍ଧାଣି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଆଜି ବି ସଂଗ୍ରାମ କରୁଛନ୍ତି ନିଜର ପ୍ରତିଷ୍ଠା ପାଇଁ । ଯାହାଙ୍କ ଶବ୍ଦ ଆମ ସାହିତ୍ୟ, ସଂଗୀତ ଓ ସମାଜକୁ ବାଣୀ ଦେଇଛି ଆଜି ତାଙ୍କପାଇଁ ସ୍ୱର ଉଠାଇବାକୁ ଗବେଷକ, ସମାଲୋଚକ, ସାହିତିକ୍ୟଙ୍କ ମରୁଡି ପଡିଛି । ଜାତୀୟ କବି ଭଞ୍ଜ ପୁଣି ଧୀରେ ଧୀରେ ପ୍ରାନ୍ତିୟ କବି ହେବାକୁ ଲାଗିଲେଣି । ଏ ବେଦନା ଉପେନ୍ଦ୍ର ଭଞ୍ଜଙ୍କ ନୁହେଁ, ଏ ବେଦନା ଓଡିଆ ଜାତିରା ଦୀର୍ଘ ୮୨ବର୍ଷ ଧରି ବିଛନ୍ଦ ଚରଣ ପଟ୍ଟନାୟକ, ହୃଦାନନ୍ଦ ରାୟ, ରଜତ କୁମାର କର, ଗୌରୀ କୁମାର ବ୍ରହ୍ମା, ଆର୍ତ୍ତବଲ୍ଲଭ ମହାନ୍ତି ଆଦି କଳିଙ୍ଗ ଭାରତୀର ଆନ୍ଦୋଳନର ଦୀପ ଶିଖା ଜାଳିବା ଭିତରେ ଯେଉଁ ଭଞ୍ଜଙ୍କୁ ଜାତୀୟ କବି ଭାବେ ପ୍ରତିଷ୍ଠିତ କରିଥିଲେ ଆଜି ତାଙ୍କ ଅବର୍ତ୍ତମାନରେ ଏହି ସ୍ଥାନକୁ କବଜ୍ଜା କରିବାକୁ ଅନେକଙ୍କ କୁତ୍ସିତ ପ୍ରୟାସ ସହ ସଂଗ୍ରାମ ହିଁ ଭାଷା ଆନ୍ଦୋଳନକୁ ଜୀବିତ ରଖିପାରୁ ନଥିବାର ଗୋଟିଏ ଯର୍ଥାତ୍ କାରଣ। ଖାଲି ଭଞ୍ଜ କାହିଁକି, ତାଙ୍କ ସମସାମୟିକ ମଧ୍ୟ ଯୁଗୀୟ କବିମାନଙ୍କୁ ଆମେ ଶୃଙ୍ଗାରୀ କବି କହି ତାଙ୍କ ସାହିତ୍ୟର ଅନ୍ୟ ଦିଗକୁ ଅଣଦେଖା କରିବା ହିଁ ଆମର ଭାଷା ପ୍ରତି ଅମର୍ଯ୍ୟାଦା । ମଧ୍ୟଯୁଗୀୟ କବିଙ୍କ ପୂର୍ବାସୂରି ପଞ୍ଚସଖାଙ୍କୁ କେବଳ ଆଧ୍ୟାତ୍ମିକବାଦୀ ଶ୍ରେଣୀରେ ଏ ଜାତି ଗୋଟିଏ ବିଶାଳ ସାହିତ୍ୟ ଭଣ୍ଡାରର ଗବେଷଣାରୁ ଦୂରେଇ ଗଲାଣି । ଆଧୁନିକ ଯୁଗୀୟ କବିମାନଙ୍କୁ ପ୍ରାକୃତିକ ବର୍ଣ୍ଣନାରେ ସୀମିତ କରି ଆମେ କଣ ଆମ ଜାତିର ଭାଷା ଓ ସାହିତ୍ୟର କ୍ଷତି କରୁନାହେଁ । ଆମର ରାଜ୍ୟରେ ୬-୮ଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାଡିବାବେଳେ ଅନ୍ୟତ୍ର ଭଞ୍ଜ ଅଲୋଡା । ଏହି ବିଭାଜିତ ଭାଷା ଶିକ୍ଷା ପାଇଁ କଣ ଗଠନ ହୋଇଥିଲା ସ୍ୱତନ୍ତ୍ର ଓଡିଆ ପ୍ରଦେଶ ? ଗୋଟିଏ କବି, ଗୋଟିଏ କଥାକାର, ଗୋଟିଏ ନାଟ୍ୟକାର, ତାର ସାହିତ୍ୟ ସୃଷ୍ଟି କଲାବେଳେ ଯେତେବେଳେ ଏହାର ବ୍ୟବସାୟିକ ଫଳକୁ ଅଧିକ ପ୍ରାଧାନ୍ୟ ଦିଏ ସେତେ ବେଳେ ଭାଷାର ଗତି ବିପଥଗାମୀ ହୋଇଥାଏ । । ଆଜି ଆମେ ଅନ୍ୟ ରାଜ୍ୟର କାହାଣୀ ଓ କଥାବସ୍ତୁକୁ ନେଇ ସଂଗୀତ ରଚନା କରୁଛେ, କାହିଁ କଣ ଆମର କଥାକାର ସୁରେନ୍ଦ୍ର ମହାନ୍ତି, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟଙ୍କ ପରି ଅନନ୍ୟ ସ୍ରଷ୍ଟାମାନଙ୍କ କାହାଣୀରେ ସେ ସଂଳାପ ନାହିଁ ? ଅଛି, ମାତ୍ର ଆମେ ପଢୁଛେ କେତେ । ଆମର ଭାଷାକୁ ଆମେ ଆମ ପରପିଢିକୁ କେତେ ଶିଖାଉଛେ, ପରିସ୍ଥିତି ଆଜି ଏମିତି ଯେ ଓଡିଆ ହୋଇବି ଦୁଇଟି ବ୍ୟକ୍ତି ବାହାର ଜାଗାରେ ପ୍ରଥମେ ଅଣଓଡିଆ ଭାଷାରେ କଥା ହେଉଛନ୍ତି ଆଉ ଓଡିଆ ଖାଲି ଜୟ ଜଗନ୍ନାଥ କହି ଦେଇ ଭାବୁଛନ୍ତି ଓଡିଆ ଭାଷାକୁ ସୁରକ୍ଷିତ ରଖିଛନ୍ତି । ଏହା ହିଁ ଆମ ଭାଷା ଆନ୍ଦୋଳନକୁ ଜାରି ରଖିବାର ଯଥାର୍ଥତା ।

ଆଜି ଯେତେବେଳେ ଆମେ ଶତାୟୁ ଓଡିଶାର ସ୍ୱପ୍ନ ଦେଖୁଛେ ସେ ସ୍ୱପ୍ନ ସେ ପର୍ଯ୍ୟନ୍ତ ଅପୂର୍ଣ୍ଣ ଯେ ପର୍ଯ୍ୟନ୍ତ ଆମେ ମୁକ୍ତ କଣ୍ଠରେ ଭଞ୍ଜଙ୍କ ସଂଗୀତକୁ ଗାନ ନ କରିବା, ଏହା ସେ ପର୍ଯ୍ୟନ୍ତ ଅପୂର୍ଣ୍ଣ ଯେତେବେଳଯାଏ ଆମେ ଆମ ପାଲା ସଂସ୍କୃତିକୁ ବିଶ୍ୱ ଦରବାରେ ଶାସ୍ତ୍ରାର୍ଥର ଏକ ସମ୍ମାନସ୍ପଦ ସ୍ଥାନ ନଦେଇଛେ,ଏହା ସେ ପର୍ଯ୍ୟନ୍ତ ଯାଏ ଅପୂର୍ଣ୍ଣ, ଯେ ପର୍ଯ୍ୟନ୍ତ ପ୍ରତିଟି ଓଡିଆ -କୋଣାର୍କର କଳାକୁ ଦେଖି ଗର୍ବ ଅନୁଭବ ନ କରଛେ । ଏହି ଶତାୟୁ ହେବାର ସ୍ୱପ୍ନ ସେ ପର୍ଯ୍ୟନ୍ତ କଟକର ଦହିବରା ଓ ସମ୍ବଲପୁରର ଚାଉଳବରା ଓଡିଶାର ଘରେ ଘରେ ନ ପହଁଞ୍ଚିଛି,ଏହା ସେ ପର୍ଯ୍ୟନ୍ତ ଅପୂର୍ଣ୍ଣ ଯେ ପର୍ଯ୍ୟନ୍ତ ଆମର କଳା-ସଂସ୍କୃତି-ସାହିତ୍ୟକୁ ନେଇ ଆମର ନିଜସ୍ୱ ଚଳଚିତ୍ର ବିଶ୍ୱ ଦରବାରରେ ଓଡିଆ କଥା କହିନି, ଏହା ସେ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଯେ ପର୍ଯ୍ୟନ୍ତ କୋଶଳୀ ଓ ତୋଷାଳୀ ଭିତରେ ଆମେ ଆମ ଭାଷାକୁ ବାଣ୍ଟିବା ବନ୍ଦ ନ କରିଛେ । ଆଉ ଏହା ସେ ପର୍ଯ୍ୟନ୍ତ ଅପୂର୍ଣ୍ଣ ଯେ ପର୍ଯ୍ୟନ୍ତ ଗୋଟେ ଓଡିଆ ଦିଲ୍ଲୀରେ ଅନ୍ୟ ଏକ ଓଡିଆକୁ ଦେଖି ଆଗ ଓଡିଆରେ କଥା କହିବ ଓ ପରେ ଟେକ୍ କେୟାର କହିବ । ଉକ୍ତ ବାକ୍ୟ ସବୁ ଯଦି ଆମେ ଭଲ ମନରେ ଗ୍ରହଣ କରିବା ତେବେ ଯାଇ ଆମେ ବୁଝିପାରିବା ଯେ ଆମର ଏହି ଶତାୟୁ ହେବାର ଯାତ୍ରାର ଉତ୍କୃଷ୍ଟ ସାରଥି ଆମରି ଉନ୍ନତି, କଳା, ସାହିତ୍ୟ ଓ ସଂସ୍କୃତି । ଜଗନ୍ନାଥଙ୍କ ଦର୍ଶନ, ଭଞ୍ଜଙ୍କ ଶବ୍ଦାବଳୀ ଓ କୋଣାର୍କର କାରୁକାର୍ଯ୍ୟ ଏହାହିଁ ହେଲେ ଆମ ଶତାୟୁ ସ୍ୱପ୍ନର ଭିତ୍ତିପ୍ରସ୍ତର ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



# ଏମ୍‌କେସିଜି କାଜୁଆଲିଟିରେ ୨୪ ଘଣ୍ଟା ମିଳିବ ମାଗଣା ଔଷଧ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍‌ର କାଜୁଆଲ୍‌ଟିରେ ରୋଗୀଙ୍କୁ ଏଣିକି ୨୪ ଘଣ୍ଟା ମାଗଣା ଔଷଧ ମିଳିବ । ଏମ୍‌କେସିଜିରେ ଖୁବ୍‌ଶୀଘ୍ର ୨ଟି ନୂତନ ନିରାମୟ କେନ୍ଦ୍ର ଖୋଲିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଏହି ୨ଟି ନିରାମୟ କେନ୍ଦ୍ରରୁ ଗୋଟିଏ କେନ୍ଦ୍ର କାଜୁଆଲଟି ଭିତରେ ଖୋଲିବାକୁ ନିଷ୍ପତ୍ତି ହୋଇଛି । କାଜୁଆଲ୍‌ଟିର ନିରାମୟ କେନ୍ଦ୍ରକୁ ୨୪ ଘଣ୍ଟା ଖୋଲା ରଖିବାକୁ ଯୋଜନା ହୋଇଛି । ଏମ୍‌କେସିଜି ମେଡ଼ିକାଲ୍‌କୁ ପ୍ରତ୍ୟେକ ଦିନ ୩ ହଜାରରୁ ଅଧିକ ରୋଗୀ ଆସୁଥିବା ବେଳେ ବିଭିନ୍ନ ଅନ୍ତଃ ବିଭାଗରେ ୧୫୦୦ ରୋଗୀ ଚିକିତ୍ସିତ ହେଉଛନ୍ତି । ବର୍ହିବିଭାଗକୁ ଆସୁଥିବା ରୋଗୀ ଓ ଅନ୍ତଃବିଭାଗରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କୁ ମିଶାଇ ଦୈନିକ ୪ ହଜାରରୁ ଅଧିକ ରୋଗୀ ମାଗଣା ଔଷଧ ପାଇଁ ନିରାମୟ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି । ସରକାରଙ୍କ ପକ୍ଷରୁ ଅଧିକାଂଶ ରୋଗ ପାଇଁ ଔଷଧ ମାଗଣାରେ ଯୋଗାଇବା ପାଇଁ ଏମ୍‌କେସିଜିରେ ବର୍ତ୍ତମାନ ୬ଟି ନିରାମୟ ଔଷଧ କେନ୍ଦ୍ର ରହିଛି । ସେଥିରୁ ୫ଟି କେନ୍ଦ୍ର ଆଉଟ୍‌ଡ଼ୋର୍ ନିକଟରେ ଏବଂ ଗୋଟିଏ ପିଏମ୍‌ଏସ୍‌ଏସ୍‌ୱାଇ କୋଠାରେ ରହିଛି । ୨ଟି ନୂତନ କେନ୍ଦ୍ର ଖୋଲିବା ପରେ ଏହି ସଂଖ୍ୟା ୮କୁ ବୃଦ୍ଧି ପାଇବ । ଏମ୍‌କେସିଜି କାଜୁଆଲଟି କଥା ବିଚାରକୁ ନେଲେ ଏଠାକୁ ପ୍ରତ୍ୟେକ ଦିନ ଶତାଧିକ ଗୁରୁତର ରୋଗୀ ଆସୁଛନ୍ତି । ଦୁର୍ଘଟଣା, ଅଘଟଣର ଶିକାର ହେଉଥିବା ବ୍ୟକ୍ତି ତଥା ହଠାତ୍ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଗଲେ ରୋଗୀ ଏମ୍‌କେସିଜି କାଜୁଆଲଟିକୁ ଯାଇଥାନ୍ତି । ହେଲେ କାଜୁଆଲ୍‌ଟିରେ ଔଷଧ ମିଳୁନଥିବାରୁ ରୋଗୀ ସମ୍ପର୍କୀୟଙ୍କୁ ବର୍ହିବିଭାଗ ସମ୍ମୁଖକୁ ଆସି ନିରାମୟ କେନ୍ଦ୍ରରୁ ଔଷଧ ନେବାକୁ ପଡୁଛି । କାଜୁଆଲ୍‌ଟିରେ ୩ ମହଲାରେ ଶତାଧିକ ରୋଗୀ ଚିକିତ୍ସିତ ହେଉଥିବା ବେଳେ ରୋଗୀଙ୍କୁ କେବଳ ଇନ୍‌ଜେକ୍‌ସନ୍ ହିଁ ପ୍ରଦାନ କରାଯାଉଛି । ଯେଉଁ ରୋଗୀଙ୍କୁ ଔଷଧ ଖୁଆଇବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି ସେହି ରୋଗୀଙ୍କ ସମ୍ପର୍କୀୟମାନେ ବହିର୍ବିଭାଗ ନିକଟକୁ ଯାଉଛନ୍ତି । ଦିନବେଳୋ ଏମ୍‌କେସିଜିର ନିରାମୟ କେନ୍ଦ୍ରରେ ଅସମ୍ଭବ ଭିଡ଼ ଲାଗି ରହୁଥିବାରୁ ଗୁରୁତର ରୋଗୀ ତଥା ସେମାନଙ୍କ ସମ୍ପର୍କୀୟଙ୍କୁ ତୁରନ୍ତ ଔଷଧ ମିଳିପାରୁନାହିଁ । ବିଶେଷ କରି ସକାଳ ୧୦ଟାରୁ ଅପରାହ୍ନ ୩ଟା ଯାଏଁ ଏମ୍‌କେସିଜିର ସମସ୍ତ ନିରାମୟ କେନ୍ଦ୍ରରେ ଖଚାଖଚ ଭିଡ଼ ଲାଗି ରହୁଛି । ଏଭଳି ସ୍ଥିତିରେ କାଜୁଆଲ୍‌ଟିରେ ନିଜର ଗୁରୁତର ରୋଗୀଙ୍କୁ ଶଯ୍ୟାରେ ଛାଡ଼ି ଔଷଧ ନେବାକୁ ଆସୁଥିବା ସମ୍ପର୍କୀୟଙ୍କୁ କେନ୍ଦ୍ର ସମ୍ମୁଖରେ ଘଣ୍ଟା ଘଣ୍ଟା ଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି । ଯେଉଁ ରୋଗୀଙ୍କ ସହ ଜଣେ ମାତ୍ର ସମ୍ପର୍କୀୟ ଆସୁଛନ୍ତି ସେମାନଙ୍କ ପାଇଁ ସମସ୍ୟା ବହୁଗୁଣିତ ହୋଇଯାଇଛି । ଗ୍ରାମାଞ୍ଚଳରୁ ଆସୁଥିବା ଲୋକମାନେ ନିରାମୟ କେନ୍ଦ୍ର ରାସ୍ତା କିମ୍ବା ଏମ୍‌କେସିଜି ବିଷୟରେ ଜାଣିନଥିବାରୁ ସେମାନଙ୍କୁ ରାତି ଅଧରେ ଔଷଧ ପାଇଁ ଏପଟେ ସେପଟେ ବୁଲିବାକୁ ପଡୁଛି । ଏହିସବୁ ସମସ୍ୟା ଦୂର କରିବା ସହ ଏମ୍‌କେସିଜି ନିରାମୟ କେନ୍ଦ୍ରରୁ ଭିଡ଼ କମାଇବା ଲକ୍ଷ୍ୟରେ ଆଉ ୨ଟି ନୂତନ କେନ୍ଦ୍ର ଖୋଲିବାକୁ ଯୋଜନା କରାଯାଇଛି । କାଜୁଆଲ୍‌ଟିରେ ଔଷଧକେନ୍ଦ୍ର ଖୋଲିବାକୁ ସ୍ଥାନ ଚିହ୍ନଟ ହୋଇସାରିଛି । ପୂର୍ବରୁ କାଜୁଆଲ୍‌ଟିରେ ଟିକଟ କାଉଣ୍ଟର ରହିଛି । ଟିକଟ ଏବଂ ଔଷଧ ଉପଲବ୍ଧ ହେବା ପରେ ଗ୍ରାମାଞ୍ଚଳର ଗରୀବ ଲୋକମାନେ ବେଶ୍ ଉପକୃତ ହେବେ ବୋଲି କୁହାଯାଇଛି । ଏହି ୨ ନୂତନ କେନ୍ଦ୍ର ପାଇଁ ଫାର୍ମାସିଷ୍ଟ ନିଯୁକ୍ତି ସମେତ ଭିତ୍ତିଭୂମି ଉପଲବ୍ଧ ପାଇଁ ପ୍ରକ୍ରିୟା ଜାରି ରହିଛି ।

# ପଶ୍ଚିମ ଓଡ଼ିଶାର ଅନ୍ୟତମ ଗଣପର୍ବ 'ପୁଷ୍‌ପୁନି'

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**



ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲରେ ପୁଷପୁନି ତିହାର ଏକ ପାରମ୍ପରିକ ରୀତି । ପଶ୍ଚିମ ଓଡ଼ିଶାର ପୁଷପୁନି ଏକ ନିଆରା ଗଣ ପର୍ବ ଅଟେ । ଇଂରେଜ ସରକାର ଶାସନ ବେଳେ ରାଜୁତି ଶାସନ କଠିନ ଥିଲା । ହଳିଆ, କୁଠିଆ ମାନେ ଚାଷ ଜମିରେ ଖଟିବା ସହ ଗାଈ, ବଳଦ, ଛେଳି, ମେଣ୍ଢା, ପୋଢ଼ ମଇଁଷି ଚରାଉଥିଲେ । ଖମାରୀମାନେ ଅମଳ ଚାଷ - ଧାନ, ଗୁର୍ଜି, କୁଦୋ, ମୁଗ, ବିରି, କୋଳଥ, ମାଣ୍ଡିଆକୁ ମାଲିକ ଘରେ ସାଇତି ରଖିବା ସହ ସବୁ ହିସାବ କିତାବ ଦେଉଥିଲେ । ସେ ସମୟରେ ଚୋରିହାରୀ ବହୁତ ହେଉଥିବାରୁ ବିଲରେ ମଞ୍ଚା ଉପରେ ଶୋଉଥିଲେ । ଏମାନେ ବର୍ଷ ସାରା ଖଟିବା ପରେ ପୁଷପୁନି ତିହାର ଦିନରେ ଟଙ୍କା ପଇସା ନୂଆଁ କପଡା, ମଡା, ପିଠା ଦେଇ ଜମିଦାରମାନେ ବିଦାୟ କରୁଥିଲେ । ଏହି ଦିନରେ ହଳିଆ, କୁଠିଆ, ଖମାରୀମାନେ ଜମିଦାର ଠାରୁ ମେଲାଣି ପାଇ ବହୁତ ଖୁସିରେ ନିଜ ପରିବାର ସହ ମାଛ, ମାଂସ, ମଡା, ପିଠା ଭୋଜି ଭାତରେ ବାଜା ବଜାଇ ନାଚ ଗୀତରେ ମଜା କରୁଥିଲେ । କିନ୍ତୁ ବର୍ତ୍ତମାନ ଯୁଗରେ ଏସବୁ ଲୁକାଇତ ହେଉଥିବା ବେଳେ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ଅନେକ ଗାଁରେ ଏବେବି ବଜାୟ ରଖିଥିବା ଜଣାଯାଇଛି । ଗାଁ ଗହଳିର ଛୋଟ ଛୁଆମାନେ ସକାଳୁ ଘରକୁ ଘର ବୁଲି 'ଛେର ଛେରା ଈ ଘରର ବୁଢ଼ୀ କାହିଁ ଗଲା ପିଠା ଦେମି ବୋଲି କହିଥିଲା' ଡାକରା ଦେଇ ଧାନ, ପଇସା, ଚାଉଳ ମାଗିଥିବା ବେଳେ ଖୁସିରେ ଲୋକମାନେ ଛୁଆ ମାନଙ୍କୁ ଧାନ, ପଇସା ଦେଉଥିବା ଜଣାଯାଇଛି ।

## ଛାତ୍ରୀ ମାନଙ୍କ ଆତ୍ମରକ୍ଷା କୌଶଳ ତାଲିମ୍

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର କଲେଜ + ୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଅଧକ୍ଷା ରଶ୍ମୀ ରାଉତରାୟ ଶିବିରକୁ ଉଦ୍‌ଘାଟନ କରିଥିଲେ । ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ଅଧାପକ ଯୁକ୍ତେଶ୍ୱର ଦାସ, ସୁମନ୍ତ ସାହୁ, ଅଧାପିକା ସରିତା ମିଶ୍ର, ଅନୁପମା ତ୍ରିପାଠୀ ପ୍ରମୁଖ ଏଥିରେ ଯୋଗଦେଇ ଶିବିରାର୍ଥିନୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅଧାପିକା ବିସ୍ମିତା ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି ୮ ଦିନିଆ ଶିବିରରେ ପ୍ରଶିକ୍ଷିକା ଲତିକା ସ୍ୱାଇଁ ଆତ୍ମରକ୍ଷା ସମ୍ବନ୍ଧୀୟ କୌଶଳ ଉପରେ ତାଲିମ୍ ପ୍ରଦାନ କରିବେ । ଛାତ୍ରୀ ସୌମ୍ୟାରାଣୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୌଦ୍ଧ ଜିଲ୍ଲାର ଗୌରବଶାଳୀ ଇତିହାସ ଉପରେ ଆଲୋକପାତ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଗର୍ଜନସେନା ପକ୍ଷରୁ ବୌଦ୍ଧ ଦିନ୍ ପାଳିତ ହୋଇଯାଇଛି । ଜାନୁଆରୀ ୨ ତାରିଖ ଜିଲ୍ଲା ଗଠନର ୩୨ ବର୍ଷ ପୂର୍ତ୍ତି ଅବସରରେ ବୌଦ୍ଧ ସହର ଉପକଣ୍ଠ ବୁଦ୍ଧ ପାର୍କ ପରିସରରେ ଥିବା ଭଗବାନ୍ ବୁଦ୍ଧଙ୍କ ମନ୍ଦିର ପ୍ରାଙ୍ଗଣରେ ବୌଦ୍ଧ ଦିନ୍ ପାଳିତ ହୋଇଯାଇଛି । ଏହି ଅବସରରେ ଗର୍ଜନ ସେନାର ସଭାପତି ବାଲ୍ମିକୀ ମହାକୁଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଗୋଷ୍ଠୀଶିକ୍ଷା ଅଧିକାରୀ ତଥା ଶିଶୁ ସାହିତ୍ୟିକ ଧ୍ରୁବ ଚରଣ ଘିବେଲା ଯୋଗଦେଇ ଭଗବାନ ବୁଦ୍ଧଙ୍କ ନିକଟରେ ଦୀପ ଜାଳି ଉଦଘାଟନ କରିଥିଲେ । ଏହାପରେ ଜିଲ୍ଲା ଗଠନରେ ଯେଉଁମାନଙ୍କ ଭୂମିକା ରହିଛି ସେମାନଙ୍କ ଉପରେ ବକ୍ତବ୍ୟ ରଖିବା ସହିତ ବୌଦ୍ଧ ଜିଲ୍ଲାର ଗୌରବଶାଳୀ ଇତିହାସ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥିଭାବେ ସିନେ ଅଭିନେତା ଚିନ୍ମୟ ମିଶ୍ର ଯୋଗଦେଇ ବୌଦ୍ଧ ଜିଲ୍ଲାକୁ ଯୁବକମାନେ ହିଁ ଉନ୍ନତି ପଥରେ ଆଗେଇ ନେଇପାରିବେ ବୋଲି କହିଥିଲେ । ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡମ୍ବରୁଧର ଭୋଇ ଯୋଗଦେଇ ଓଡ଼ିଶାର ମଧ୍ୟଭାଗରେ ଥିବା ବୌଦ୍ଧ ଜିଲ୍ଲା ବିକଶିତ ଓଡ଼ିଶାର ପ୍ରୟୋଗଶାଳା ହୋଇପାରିବ ବୋଲି ମତ ରଖିଥିଲେ । ଗର୍ଜନ ସେନାର ସଭାପତି ବାଲ୍ମିକୀ ମହାକୁଳ ଓଡ଼ିଶାର ମଧ୍ୟ ଭାଗରେ ଅବସ୍ଥିତ ବୌଦ୍ଧର ପରିଚୟକୁ ଯୁବକମାନେ ହିଁ ସ୍ଥାନିତ କରିପାରିବା ବୋଲି କହିଥିଲେ । ଏହି ଅବସରରେ ଧ୍ରୁବ ଚରଣ ଘିବେଲାଙ୍କୁ ବୌଦ୍ଧ ସମ୍ମାନ ୨୦୨୬ରେ ସମ୍ମାନୀତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ତୋଫାନ ଦେହୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦେବାଶିଷ ପ୍ରଧାନ ଧନ୍ୟବାଦ ଦେଇଥିଲେ । ରାଜେଶ ମେହେର, ଶ୍ରୀକାନ୍ତ ମହାକୁଡ, ସିଲୁ ମହାକୁଡ, ଅବିନାଶ ସାହୁ, ସୁନିଲ ଖେତି, ବୃନ୍ଦାବନ ପାତ୍ର, ଦେବାଶିଷ ସେଠୀ, ଦଣ୍ଡପାଣି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# କେନ୍ଦୁଝର ଜିଲ୍ଲାରେ ୧୩ ଲକ୍ଷ ୧୩ ହଜାର କ୍ୱିଣ୍ଟାଲ ଖରିଫଧାନ ସଂଗ୍ରହ ହେବ



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ ୨୦୨୫-୨୬ ବର୍ଷର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାର ଧାନ ସଂଗ୍ରହ ସ୍ଥିତିର ଅନୁଧ୍ୟାନ କରିଛନ୍ତି । ଜିଲ୍ଲାରେ ଚଳିତ ବର୍ଷ ପାଇଁ ୧୩,୧୩,୦୦୦ କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି । ଗତ ୨୬ ଡିସେମ୍ବରରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୭୨,୯୪୭ଟି ଟୋକନ୍ ଜେନେରେଟ୍ କରାଯାଇଥିବା ବେଳେ ପ୍ରାୟ ୧୯୫ ଜଣ ଚାଷୀଙ୍କ ଠାରୁ ୭୬୯୪.୫୬ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି । ବୈଠକ ପୂର୍ବରୁ ମନ୍ତ୍ରୀ ନରଣପୁର ଲ୍ୟାମ୍ପସ୍ ପରିଦର୍ଶନ କରି ସେଠାରେ ଚାଷୀଙ୍କ ସହ ଆଲୋଚନା କରିବା ସହ ବ୍ୟବସ୍ଥାର ତଦାରଖ କରିଥିଲେ । ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ୮୨ଟି ପ୍ରାଥମିକ କୃଷି ସମବାୟ ସମିତି/ବୃହତ ଆକାରର ଆଦିବାସୀ ବହୁମୁଖୀ ସମବାୟ ସମିତିରେ ପ୍ରକ୍ରିୟା ଶେଷ ହୋଇଥିବା ବେଳେ, ୯୫ ଜଣ ବହୁମୁଖୀ ଅଣ-ବୈଷୟିକ କର୍ମଚାରୀ (MNO)ଓ ୩୩ ଜଣ ବହୁମୁଖୀ ସହାୟକ କର୍ମଚାରୀ (MSO)ନିଯୁକ୍ତ ହୋଇଥିବା ନେଇ ସୂଚନା ଦିଆଯାଇଛି । ଏମାନେ ମୁଖ୍ୟତଃ ସମିତିର ଦୈନନ୍ଦିନ ପରିଚାଳନା, ଋଣ ପ୍ରଦାନ ପ୍ରକ୍ରିୟା ଏବଂ ଚାଷୀମାନଙ୍କୁ ସହାୟତା କରିବା କାର୍ଯ୍ୟରେ ନିୟୋଜିତ ହେବେ । ଚାଷୀମାନେ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ଧାର୍ଯ୍ୟ ସମୟ ମଧ୍ୟରେ ସ୍ୱଚ୍ଛତାର ସହ ଯେପରି ଧାନ ସଂଗ୍ରହ କରାଯିବ ସେଥିପ୍ରତି ସତର୍କ ଏବଂ ଧାନ ଦେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ଅତିଥିଭାବେ ବିଧାୟକ ଘସିପୁରା ବଦ୍ରିନାରାୟଣ ପାତ୍ର, ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାୟକ, ବିଧାୟକ ତେଲକୋଇ ଡଃ ଫକିର ମୋହନ ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ । ଏହା ସହିତ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଡି.ଆରଅ.ସି.ଏସଅ ପର୍ଶୁରାମ ପାତ୍ର ଏବଂ ଯୋଗାଣ ଓ ସମବାୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଜଗତସିଂହପୁରର ଐତିହ୍ୟ ସମ୍ପନ୍ନ ମୁଚୁକୁନ୍ଦ ସୋମନାଥ ମନ୍ଦିର




**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ଦ୍ୱାଦଶ ତମ ସଂସ୍କରଣ ଖୁବ୍ ସୁନ୍ଦର ଏବଂ ଚିତ୍ତାକର୍ଷକ ଭାବରେ ସମ୍ପନ୍ନ ହୋଇଛି । ଐତିହ୍ୟାନୁରାଗୀ ବନ୍ଧୁମାନେ ଜଗତସିଂହପୁର ସହରରେ ଥିବା ପ୍ରାଚୀନ 'ମୁଚୁକୁନ୍ଦ ସୋମନାଥ ମନ୍ଦିର' ପରିଦର୍ଶନରେ ଯାଇଥିଲେ । ଏହି ମନ୍ଦିରଟି ବହୁ ପ୍ରାଚୀନ ନହେଲେବି ମୋଗଲ ପରବର୍ତ୍ତୀ ମରହଟ୍ଟା ଶାସନ କାଳରେ ନିର୍ମାଣ ହୋଇଥିବା ଅନୁମାନ କରାଯାଏ । ପଥର ନିର୍ମିତ ପୀଢ଼ ଶୈଳୀର ବିମାନ ଓ ଜଗମୋହନକୁ ନେଇ ମନ୍ଦିରଟି ନିର୍ମାଣ ହୋଇଛି । ମନ୍ଦିରର ଉଚ୍ଚତା ପ୍ରାୟ ତିରିଶି ଫୁଟ୍ ହେବ । ମନ୍ଦିର ଗର୍ଭଗୃହରେ ଥିବା ଶିବଲିଙ୍ଗ ଓ ନବଗ୍ରହଙ୍କ ପାଟ ପଥର କିନ୍ତୁ ବହୁତ ପୁରୁଣା । ଏହି ଆଲୋଚନାରେ, ଆଲୋଚକମାନେ ସୋମନାଥ ମନ୍ଦିରର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ । ଜଗତସିଂହପୁର ଗୁରୁକୁଳ ମଠର ପ୍ରତିଷ୍ଠାତା ମୁଚୁକୁନ୍ଦ ଗୋସ୍ୱାମୀ ଗୁଜୁରାଟର କମା ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ ଓ ବ୍ରତୋପନୟନ ଦିନ ତ୍ରିରେଖା ଅତିକ୍ରମ କରି ବ୍ରହ୍ମଚାରୀ ହୋଇଥିଲେ । ସୋମନାଥଙ୍କ ଭକ୍ତ ମୁଚୁକୁନ୍ଦ ଶ୍ରୀଜଗନ୍ନାଥଙ୍କର ମାହାତ୍ମ୍ୟ ଶୁଣି ଦର୍ଶନ ନିମିତ୍ତ ଶ୍ରୀକ୍ଷେତ୍ର ଆସିଥିଲେ । ସେ ସ୍ୱପ୍ନାବିଷ୍ଟ ହୋଇ ସୋମନାଥ ମନ୍ଦିର ପଛପଟୁ ଏକ ଶିବଲିଙ୍ଗ ଲାଭ କରିଥିଲେ । ଆଉ ସେଇ ଶିବଲିଙ୍ଗଟି କିପରି ସମୟର ସ୍ରୋତରେ ଭାସି ଆସି, ବିଧିର ବିଧାନ ରୂପେ ଅଳକା ନଦୀ ତୀରରେ ସ୍ଥାପିତ ହୋଇଥିଲା ତାହାର କିମ୍ବଦନ୍ତୀ ବିଷୟରେ ଅତିଥିଗଣ ଆଲୋଚନା କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ପ୍ରଭାଂଶୁ ସାମନ୍ତରାୟଙ୍କ ଦିଗ୍‌ଦର୍ଶନରେ ଏହି କାର୍ଯ୍ୟକ୍ରମଟି ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିଲା । କଟକ, ଜଗତସିଂହପୁର ତଥା ପୁରୀରୁ ଆସିଥିବା ପ୍ରାୟ ୨୫ ଜଣ ଐତିହ୍ୟାନୁରାଗୀ ବନ୍ଧୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ସଂଯୋଜକ ଶ୍ରୀକାନ୍ତ ସିଂହ, ଅନୁଷ୍ଠାନର ବୟୋଜ୍ୟେଷ୍ଠ ସଦସ୍ୟ ବିଶ୍ୱ ରଞ୍ଜନ ଦେହୁରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉତ୍କଳ ମହାନ୍ତି, ବସନ୍ତ ମଞ୍ଜରୀ ଦାସ, ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ସଦସ୍ୟ ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ, ଦେବାଶିଷ ପାତ୍ର, ଦିନେଶ ସ୍ୱାଇଁ, ରତିରଞ୍ଜନ ପଣ୍ଡା, ବିକାଶ ସ୍ୱାଇଁ, ହୃଦାନନ୍ଦ ବେହେରା ଆଦି କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।




# କବିତା ପୁସ୍ତକ ଆଶ୍ଳେଷ ଓ ଆଭା ଉନ୍ମୋଚିତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାର ସଭାଗୃହରେ ଅବସରପ୍ରାପ୍ତ ଅଧ୍ୟାପକ ତଥା ବରିଷ୍ଠ କବି ମନୋଜ ଦାଶଙ୍କ ଦୁଇଟି କବିତା ଗ୍ରନ୍ଥ ଆଶ୍ଳେଷ ଓ ଆଭା ପୁସ୍ତକ ଉନ୍ମୋଚିତ ହୋଇଯାଇଛି । କବି ଦିବ୍ୟକିଶୋର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ପ୍ରଫେସର ଅନ୍ତର୍ଯ୍ୟାମୀ ସାହୁ, ମୁଖ୍ୟବକ୍ତା ଡ. ରବିନ୍ଦ୍ର ଗଡ଼ତିଆ, ସମୀକ୍ଷିକା ଡ. ସଂଘମିତ୍ରା ମିଶ୍ର ଏବଂ କବି ମନୋଜ କୁମାର ଦାଶ ମଞ୍ଚାସିନ ଅତିଥି ଭାବେ ଯୋଗଦେଇ କବିତା ପୁସ୍ତକ ଆଶ୍ଳେଷ ଓ ଆଭା ଉପରେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ନିଶାମଣି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଡ. ସଂଗୀତା ରଥ ସଞ୍ଚାଳନ କରିଥିବା ବେଳେ ପୁସ୍ତକ ଦ୍ୱୟ ଏମ୍.ଆର୍. ପ୍ରେସ୍‌ରେ ସୁନ୍ଦର ପରିପାଟୀରେ ମୁଦ୍ରିତ ହୋଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ରୋହିତ ଦାଶ, ତରଣୀ ସେନ ବୁଧିଆ, ସୁକୋମଳ ଦାଶ, ଦୟାନିଧି ମହାପାତ୍ର, ଦାମୋଦର ସାହୁ, ହୈମବତୀ ମିଶ୍ର, ସେବାଶ୍ରୀ ପାତ୍ର, ସନ୍ତୋଷିନୀ ଦାଶ, ନୁରାବତୀ ସାହୁ, ତ୍ରିବିକ୍ରମ ତ୍ରିପାଠୀ, ପ୍ରଦେଶୀ ବାରିକ, ଗୌରୀଶଙ୍କର ପଣ୍ଡା, ମନୋରଞ୍ଜନ ମେହେର, ଦ୍ୟୁତି ସାହୁ, ରୋଜାଲିନ ମିଶ୍ର, ତପସ୍ୱିନୀ ମହାପାତ୍ର, ସୁପ୍ରଭା ସାମଲ, ଆଶା ରାଣୀ ରାଭେନ, ଜଗଦୀଶ ବେହେରା, ପ୍ରଦୀପ ମିଶ୍ର, ବିକ୍ରମ ପଣ୍ଡା ଓ ଆହୁରି ଅନେକ ଯୋଗଦେଇଥିଲେ । ଶେଷରେ ରୋଜାଲିନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଣି ଓ କ୍ରସର୍ ୟୁନିଟ୍‌ରେ ସଂଯୁକ୍ତ ଯାଞ୍ଚ

## ବେଆଇନ୍ ଭାବେ ଗଚ୍ଛିତ ଖଣିଜ ସାମଗ୍ରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାର ଖଇରା ବ୍ଲକ୍ ଅନ୍ତର୍ଗତ ଖଣି କ୍ଷେତ୍ର ଓ କ୍ରସର୍ ୟୁନିଟ୍‌ଗୁଡ଼ିକରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଉପ-ଜିଲ୍ଲାପାଳ, ଖଇରା ତହସିଲଦାର, ଖଣି ଅଧିକାରୀ ସହ ଅନ୍ୟାନ୍ୟ ଅଧିକାରୀମାନଙ୍କ ଦ୍ୱାରା ଏକ ସଂଯୁକ୍ତ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ କ୍ରସର୍ ୟୁନିଟ୍ ଗୁଡିକରେ ଅବୈଧ ଭାବେ ସଞ୍ଚିତ ଖଣିଜ ସାମଗ୍ରୀ ବିରୁଦ୍ଧରେ ଆଇନାନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବିଏନ୍‌ଏସ୍‌ଏସ୍‌ର ନିୟମ ୧୬୩ ଉଲ୍ଲଂଘନ ହେଉଛି କି ନୁହେଁ, ତାହାର ମଧ୍ୟ ଯାଞ୍ଚ କରାଯାଇଥିଲା । କ୍ରସର୍ ୟୁନିଟ୍‌ଗୁଡ଼ିକରେ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ମାନଦଣ୍ଡ ପାଳନ ହେଉଛି କି ନୁହେଁ, ସେଥିରେ ବିଶେଷ ଧ୍ୟାନ ଦିଆଯାଇଥିଲା । ଏହାର ଅନ୍ତର୍ଗତ ଏକମାତ୍ର ପ୍ରବେଶ ଓ ପ୍ରସ୍ଥାନ ପଥ ସହିତ ଠିକ୍ ଭାବେ ଷ୍ଟକ୍ ରେଜିଷ୍ଟ ରଖାଯାଉଛି କି ନାହିଁ, ଯଥାଯଥ ସୀମା ନିର୍ଦ୍ଧାରଣ, ଟ୍ରି ଲାଇନ୍ ରକ୍ଷଣ, ୨୪ ଘଣ୍ଟିଆ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା, ଅବୈଧ ଖଣିଜ ପରିବହନ ରୋକିବା ଓ ନିରୀକ୍ଷଣକୁ ସୁଦୃଢ଼ କରିବା ପାଇଁ ଖଇରା ବ୍ଲକ୍‌ର ଦେଉଳଗଡ଼ିଆ, ବାଗେଇପୁର ଓ ହାଣ୍ଡିଆହାଟ ଠାରେ ୩ଟି ଚେକ୍ ପୋଷ୍ଟ ସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ସହିତ, ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ଦ୍ୱାରା ବାଗୁଡ଼ି ଅଞ୍ଚଳର ଖଣି ଓ କ୍ରସର୍ ୟୁନିଟ୍‌ଗୁଡ଼ିକରେ ମଧ୍ୟ ସମାନ ପ୍ରକାରର ଯାଞ୍ଚ କରାଯାଇ ଖଣି, ପରିବେଶ ଓ ସୁରକ୍ଷା ସମ୍ପର୍କିତ ନିୟମାବଳୀ ପାଳନ ବିଷୟରେ ସମୀକ୍ଷା କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଅବୈଧ ଖଣି କାର୍ଯ୍ୟକଳାପ ଓ ନିୟମ ଉଲ୍ଲଂଘନ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରାଯିବା ସହ ଆଇନ୍ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପୁନରୁଚ୍ଚାରଣ କରାଯାଇଛି ।

## ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆରଟିଓ ଲୋକନାଥ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଚଣ୍ଡିଖୋଲ-ପାରାଦ୍ୱିପ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଶତାଧିକ ଟ୍ରକ୍ ଚାଳକ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ଏବଂ ଏଥିସହିତ ଚାଳକମାନଙ୍କ ମଧ୍ୟରେ ଦୁର୍ଘଟଣା ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଜନସାଧାରଣ ସଡକ ସୁରକ୍ଷା ଅଭିଯାନରେ ସାମିଲ୍ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚକ୍ଷୁ ପରୀକ୍ଷାରେ ସହଯୋଗ କରାଯାଇଥିଲା ।





## ବିଦ୍ୟାଳୟରେ କ୍ୟାରିୟର କାଉନ୍‌ସେଲିଂ


**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ସାହାରା ଟ୍ରଷ୍ଟ ହାଇସ୍କୁଲ ଠାରେ ବିକାଶ ସ୍କୁଲ ଶାସନ ପକ୍ଷରୁ କ୍ୟାରିୟର କାଉନସିଲିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚୁସନ୍ ଓଡ଼ିଶା ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ, ଉଚ୍ଚ ମାଧ୍ୟମିକ ସ୍କୁଲ ଅଧକ୍ଷ ଦିବ୍ୟ ସିଂ ମହନ୍ତ, ଆଇଟି ପ୍ରଧାପକ ମନୋରଞ୍ଜନ ମିଶ୍ର, ଇଂରାଜୀ ପ୍ରଧାପକ ବିଶ୍ୱଜିତ୍ ଗାଙ୍ଗୁଲି ଯୋଗଦେଇଥିଲେ । ଶୃଂଖଳା ଅନୁଶାସନ ସହ ସ୍ୱ ବୁଦ୍ଧିମତାରେ ବିବେକ ଦ୍ୱାରା ପରିଚାଳିତ କଲେ ପ୍ରତ୍ୟେକ କାର୍ଯ୍ୟରେ ସଫଳ ହେବା । କୌଣସି ବିଷୟ ବା ପାଠ୍ୟକ୍ରମ ଛୋଟ ବା ବଡ଼ ନୁହେଁ ଛାତ୍ରଛାତ୍ରୀ ହିଁ ନିଜେ ପାଠ୍ୟକ୍ରମର ଉତ୍ତୋରତର ଉନ୍ନତି ନିର୍ଦ୍ଧାରଣ କରିଥାଏ । ଦଣ୍ଡ ମୁକ୍ତ ଓ ଅନୁଶାସନ ଶୃଙ୍ଖଳା ସହିତ ସ୍କୁଲ ଏବଂ ଘରର ମାଆ ବାପା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢନ୍ତି ବୋଲି ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀ ବାବୁ ଓ ସମସ୍ତ ଅତିଥି ପରାମର୍ଶ କରିଥିଲେ । ଶେଷରେ ଗଣମାଧ୍ୟମ ପ୍ରତିନିଧି ସମ୍ମିଳନୀରେ ଏ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ମତ ପ୍ରକାଶ କରିଥିଲେ ଶ୍ରୀ ବାବୁ । କୋଡିଏ ଜଣ ସାମ୍ବାଦିକଙ୍କୁ ବିକାଶ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିକାଶ ମେଧାବୀ ପରୀକ୍ଷା କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ମୋମେଣ୍ଟୋ ସହ ପୁରସ୍କୃତ କରିଥିଲେ । ସାହାରା ଟ୍ରଷ୍ଟର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମିଶ୍ର, ଅଧକ୍ଷ ଦିଲ୍ଲିପ କୁମାର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକଙ୍କୁ ଗୁରୁଶ୍ରେଷ୍ଠ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ବୈତରଣୀ ନଦୀରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ଜାରି

**ଧାମନଗର, ନ୍ୟୁଜ୍ ବ୍ୟୁରୋ**





ଧାମନଗର ତହସିଲ ଅଞ୍ଚଳ ସୋହଡ଼ା ପଞ୍ଚାୟତର କ୍ଷେତ୍ରପୁର ନିକଟସ୍ଥ ବୈତରଣୀ ନଦୀ ଏବେ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି । ରାତିରୁ ସକାଳ ଯାଏ ଟ୍ରାକ୍ଟର ମାଲିକ ତଥା ବାଲି ଚୋରମାନେ ଏଠାରୁ ବାଲି ଚୋରି କରିବାରେ ଲାଗିଛନ୍ତି । ପ୍ରାୟ ୨୦ରୁ ଅଧିକ ଟ୍ରାକ୍ଟର ଏଠାରେ ପଶି ବାଲି ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଛି । ରାଜସ୍ୱ ବିଭାଗ ଓ ଖଣି ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଏବଂ ସ୍ଥାନୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ନଦୀବନ୍ଧ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଛି । ନଦୀରେ ପର୍ଯ୍ୟାପ୍ତ ବାଲି ନଥିବାରୁ ସୈରାତ ନିଲାମ ହୋଇପାରିନାହିଁ । ଏଣୁ ସରକାରୀ ଭାବେ ବାଲି ଉତ୍ତୋଳନ ବନ୍ଦ ରହିଛି । ଏହାର ସୁଯୋଗ ନେଇ ମାଫିଆମାନେ ବିଳମ୍ବିତ ରାତିରେ ଡୋଜର ଲଗାଇ ପାଣି ଭିତରୁ ବାଲି ଉଠାଇ ଠୁଳ କରୁଛନ୍ତି । ନିଜର ସୁବିଧା ପାଇଁ ସେମାନେ ଅନେକ ସ୍ଥାନରେ ନଦୀବନ୍ଧ କାଟି ଗଡ଼ା ପ୍ରସ୍ତୁତ କରିଛନ୍ତି, ଯେଉଁ ରାସ୍ତା ଦେଇ ଟ୍ରାକ୍ଟରଗୁଡ଼ିକ ନଦୀ ଭିତରକୁ ଯାଇ ବିଳମ୍ବିତ ରାତିରୁ ସକାଳ ଯାଏ ଟ୍ରାକ୍ଟର ଓ ମିନି ଟ୍ରକ୍ ସାହାଯ୍ୟରେ ଏହି ବାଲି ଉତ୍ତୋଳନ କରି ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରାଯାଉଛି । ଖଣି ବିଭାଗର ଜିଲ୍ଲା କାର୍ଯ୍ୟାଳୟ ଭଦ୍ରକରେ ଥିବାବେଳେ ପ୍ରାୟ ୩୫ କିଲୋମିଟର ଦୂର କ୍ଷେତ୍ରପୁରରେ ବାଲି ଚୋରି ହେଉଛି । ଯେତେବେଳେ ବି ଖଣି ଅଧିକାରୀ ଚଢ଼ଉ ପାଇଁ ଆସୁଛନ୍ତି, ବେଦପୁର, ଖଡ଼ିପଦା, ଦୋବଲ ଓ ଧାମନଗର ଛକ ପର୍ଯ୍ୟନ୍ତ ଜଗି ରହିଥିବା ମାଫିଆଙ୍କ 'ସୂଚନାଦାତା'ମାନେ ସଙ୍ଗେ ସଙ୍ଗେ ଖବର ପହଞ୍ଚାଇ ଦେଉଛନ୍ତି । ଅଧିକାରୀ ପହଞ୍ଚିବା ପୂର୍ବରୁ ଟ୍ରାକ୍ଟର ଓ ଜେସିବିଗୁଡ଼ିକୁ ନଦୀ ଗର୍ଭରୁ କାଢ଼ି ନିଆଯାଇ ବାଡ଼ି ପଛପଟେ ଲୁଚାଇ ଦିଆଯାଉଛି । ଫଳରେ ଚଢ଼ଉ ପ୍ରକ୍ରିୟା କେବଳ ପ୍ରହସନରେ ପରିଣତ ହେଉଛି । ବେଆଇନ୍ ବାଲି ଉତ୍ତୋଳନ ରୋକିବା ପାଇଁ କଡ଼ା ନିୟମାବଳୀ ରହିଛି । ସଷ୍ଟେନେବୁଲ ସ୍ୟାଣ୍ଡ ମାଇନିଂ ମ୍ୟାନେଜମେଣ୍ଟ ଗାଇଡଲାଇନ୍-୨୦୧୬ ଅନୁଯାୟୀ ପରିବେଶ ସନ୍ତୁଳନ ରକ୍ଷା କରି ବାଲି ଉତ୍ତୋଳନ କରିବା କଥା । ସେହିପରି ଓଡ଼ିଶା ମାଇନିଂ ପଲିସି - ୨୦୨୧ରେ ମଧ୍ୟ ବାଲି ଚୋରି ରୋକିବା ନେଇ ବ୍ୟବସ୍ଥା ରହିଛି । ନଦୀ ଗର୍ଭରୁ କେବଳ ଶୁଖିଲା ଓ ଗଦା ହୋଇଥିବା ବାଲି ଉଠାଇବାକୁ ନିୟମ ଅଛି । ହେଲେ ମାଫିଆମାନେ ପାଣି ଭିତରୁ ବାଲି ଖୋଳିକି ଚାଲାଣ କରୁଛନ୍ତି । ତେବେ ପୂର୍ବତନ ରାଜ୍ୟ ସରକାରଙ୍କ ଅଜବ ନିୟମ ଯୋଗୁଁ ବାଲି ଚୋରି ଆହୁରି ବଢ଼ି ଯାଇଛି । ୨୦୨୨ରେ ରାଜ୍ୟ ସରକାର ବାଲି ନିଲାମ ଦାୟିତ୍ୱ ରାଜସ୍ୱ ବିଭାଗ ପରିବର୍ତ୍ତେ ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି । ଏଣୁ ତହସିଲ ଅଫିସ ଆଉ ଏଥିରେ ମୁଣ୍ଡ ଖେଳାଉନାହିଁ । ନିୟମ ଅନୁଯାୟୀ, ବାଲି ଚୋରି ରୋକିବା ପାଇଁ ତହସିଲଦାର, ଅତିରିକ୍ତ ତହସିଲଦାର, ରେଭିନ୍ୟୁ ଇନ୍‌ସପେକ୍ଟର (RI), ସୁପରଭାଇଜର ଏବଂ ସ୍ଥାନୀୟ ଥାନା ଆଇଆଇସିଙ୍କ ପାଖରେ ଯଥେଷ୍ଟ କ୍ଷମତା ଅଛି । ମାତ୍ର ନିଲାମ ପ୍ରକ୍ରିୟା ଖଣି ବିଭାଗକୁ ଯିବା ପରଠାରୁ ତହସିଲ କାର୍ଯ୍ୟାଳୟ ଏହି ସମସ୍ୟାକୁ ଦେଖି ନଦେଖିଲା ଭଳି ରହୁଥିବା ଅଭିଯୋଗ ହେଉଛି । ତାଛଡ଼ା ସ୍ଥାନୀୟ ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପ ଯୋଗୁଁ କ୍ଷେତ୍ର ଅଧିକାରୀମାନେ କଡ଼ା ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଉଛନ୍ତି । ଯଦି ପୋଲିସ ଓ ତହସିଲ ପ୍ରଶାସନ ମିଳିତ ଭାବେ ସତର୍କତା ଅବଲମ୍ବନ ନକରନ୍ତି, ତେବେ ଆଗାମୀ ଦିନରେ ବୈତରଣୀ ନଦୀ ଶଯ୍ୟା ଶୂନ୍ୟ ହେବା ସହ ନଦୀବନ୍ଧ ଦୁର୍ବଳ ହୋଇ ବନ୍ୟା ଭଳି ବିପର୍ଯ୍ୟୟକୁ ଡାକି ଆଣିବ । ପ୍ରଶାସନ ତୁରନ୍ତ ସଚେତନ ହୋଇ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ।

# ଜେଏସ୍‌ଡବ୍ଲୁ ସ୍ପୋର୍ଟସରୁ ଅଲଗା ହେଲେ ନୀରଜ




**ମୁମ୍ବାଇ**

ଦୁଇ ଥରର ଅଲିମ୍ପିକ୍ ପଦକଧାରୀ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସ ସହ ଏକ ଦଶନ୍ଧି ପୁରୁଣା ସମ୍ପର୍କ ଛିନ୍ନ କରିଛନ୍ତି। ଏଥିସହିତ ସେ ନିଜସ୍ୱ ଆଥଲେଟ୍ ମ୍ୟାନେଜମେଣ୍ଟ ସଂସ୍ଥା ଭେଲ ସ୍ପୋର୍ଟସର ଆରମ୍ଭ କରିଛନ୍ତି। ଚୋପ୍ରା ୨୦୧୬ଠାରୁ ଜେଏସ୍‌ଡବ୍ଲ୍ୟୁ ସହ ଜଡ଼ିତ ହୋଇଥିଲେ। ଗତ ଏକ ଦଶନ୍ଧିରେ ଆମର ମିଳିତ ଯାତ୍ରା ଅଭିବୃଦ୍ଧି, ବିଶ୍ୱାସ ଓ ଉପଲବ୍ଧିର ଥିଲା। ମୋ କ୍ୟାରିୟରରେ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ଏବଂ ମୁଁ ସେମାନଙ୍କ ସମର୍ଥନ ଓ ଦୂରଦୃଷ୍ଟି ପାଇଁ ସେମାନଙ୍କ ନିକଟରେ ସର୍ବଦା କୃତଜ୍ଞ ରହିବି। ଆମେ ଏହି ଅଧ୍ୟାୟ ଶେଷ କରୁଥିବା ବେଳେ ମୁଁ ଏହି ସମାନ ମୂଲ୍ୟବୋଧକୁ ମୋ ଯାତ୍ରର ପରବର୍ତ୍ତୀ ପର୍ଯ୍ୟାୟକୁ ନେଉଛି ବୋଲି ୨୭ ବର୍ଷୀୟ ଚୋପ୍ରା ଏକ ବିବୃତିରେ କହିଛନ୍ତି।

# ଦକ୍ଷିଣ ଆଫ୍ରିକାକୁ ୮ ୱିକେଟ୍‌ରେ ହରାଇଲା ୧୯ ବର୍ଷରୁ କମ୍ ଭାରତୀୟ ଦଳ

**ବେନୋନି (ଦକ୍ଷିଣ ଆଫ୍ରିକା)**

୧୯ ବର୍ଷରୁ କମ୍ ଭାରତୀୟ ଦଳ ଦ୍ୱିତୀୟ ଦିନିକିଆରେ ଦକ୍ଷିଣ ଆଫ୍ରିକାକୁ ୮ ୱିକେଟ୍‌ରେ ପରାସ୍ତ କରିଛି। ଭାରତ ପାଇଁ ବୈଭବ ସୂର୍ଯ୍ୟବଂଶୀ, ଅଭିଜ୍ଞାନ କୁଣ୍ଡୁ ଏବଂ କିଶନ କୁମାର ସିଂହ ଚମତ୍କାର ପ୍ରଦର୍ଶନ କରି ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୨୪୫ ରନ୍ କରିଥିଲା। ତା'ପରେ ଭାରତ ୨ ୱିକେଟ୍ ହରାଇ ୧୦୩ ରନ କରିଥିଲା। ବର୍ଷା ହେବାରୁ ଡକଓ୍ୱର୍ଥ-ଲୁଇସ୍ ପଦ୍ଧତିରେ ଭାରତକୁ ୧୭୪ ରନ୍‌ର ଟାର୍ଗେଟ ଦେଇଥିଲା। ଭାରତ ମାତ୍ର ୨ଟି ୱିକେଟ୍ ହରାଇ ଏହି ଟାର୍ଗେଟ୍ ହାସଲ କରିନେଇଥିଲା।

ଆରୋନ ଜର୍ଜ ଏବଂ ବୈଭବ ସୂର୍ଯ୍ୟବଂଶୀ ଭାରତୀୟ ଦଳ ପାଇଁ ଇନିଂସ ଓପନ କରିଥିଲେ। ସେମାନେ ପ୍ରଥମ ୱିକେଟ୍ ପାଇଁ ୬୭ ରନର ଭାଗୀଦାରି କରି ବିଜୟର ମୂଳଦୁଆ ପକାଇଥିଲେ। ବୈଭବ ବିସ୍ଫୋରକ ବ୍ୟାଟିଂ କରିଥିଲେ, ୨୪ ବଲ୍‌ରେ ମୋଟ ୬୮ ରନ୍ କରିଥିଲେ, ଯେଉଁଥିରେ ୧ ଚୌକା ଏବଂ ୧୦ ଛକା ଅନ୍ତର୍ଭୁକ୍ତ ଥିଲା। ଅଭିଜ୍ଞାନ କୁଣ୍ଡୁ ମଧ୍ୟ ଲଢୁଆ ବ୍ୟାଟିଂ କରିଥିଲେ। ସେ ୪୨ ବଲ୍‌ରେ ୪୮ ରନ କରିଥିଲେ, ଯେଉଁଥିରେ ତିନୋଟି ଚୌକା ଏବଂ ଦୁଇଟି ଛକା ଅନ୍ତର୍ଭୁକ୍ତ ଥିଲା। ବେଦାନ୍ତ ତ୍ରିବେଦୀ ୩୧ ରନ କରିଥିଲେ। ଉଭୟ ଖେଳାଳି ଅପରାଜିତ ରହି ନିଜ ଦଳକୁ ବିଜୟୀ କରିବାରେ ସାହାଯ୍ୟ କରିଥିଲେ।




## ସୂର୍ଯ୍ୟବଂଶୀଙ୍କ ଧମାକା

ପୁଣି ଚମକିଛି ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟ୍। ପ୍ରଥମ ବଲରୁ ଆକ୍ରମଣାତ୍ମକ ଢଙ୍ଗରେ ଖେଳ ପ୍ରଦର୍ଶନ କରି ସେ ମାତ୍ର ୨୪ ବଲ ଖେଳିଥିବାବେଳେ ୬୮ ରନର ପାଳି ଖେଳିଛନ୍ତି। ସେ ବଡ଼ ବଡ଼ ଛକା ମାରିଥିବା ଦେଖିବାକୁ ମିଳିଥିଲା। ୧୦ଟି ଛକା ମାରିଥିବାବେଳେ ଷ୍ଟାଡିୟମ ବାହାରେ ସେ ବଲକୁ ପକାଇଥିଲେ। ପ୍ରଥମ ବଲରୁ ଧୁରନ୍ଧର ବ୍ୟାଟିଂ କରି ବୋଲରଙ୍କ ଉପରେ ଚାପ ପକାଇଥିଲେ ବୈଭବ। ସେ ୧୯ ବଲରୁ ନିଜର ଅର୍ଦ୍ଧଶତକ ହାସଲ କରିବାରେ ସଫଳ ହୋଇଥିଲେ। ଏହି ଅର୍ଦ୍ଧଶତକ ମଧ୍ୟରେ ଗୋଟିଏ ମଧ୍ୟ ଚୌକା ନଥିଲା। ୨୮୮.୩୩ ଷ୍ଟ୍ରାଇକ୍ ରେଟ୍‌ରେ ନିଜର ପ୍ରଦର୍ଶନ ଜାରି ରଖିଥିଲେ।

# ସବ୍ୟସାଚୀ ଦିନେଶ ସ୍ମାରକୀ ଗିନି କପ୍ ସେମିଫାଇନାଲରେ ସାଇ ଏକାଦଶ




**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ :** ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ-ଦିନେଶ୍ ମେମୋରିଆଲ ଗିନି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାରର ଖେଳରେ ଭୁବନେଶ୍ୱରର ସାଇ ଏକାଦଶ କଟକର ଜୁଭେନାଇଲ କ୍ଲବ୍‌କୁ ୯ ରନ୍‌ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ଚାମ୍ପିଅନ୍

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ୍, ଯାଜପୁରର ମିଳିତ ଉଦ୍ୟମରେ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁସୁମା ନିକଟସ୍ଥ ଷ୍ଟାଡ଼ିୟମରେ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ଓ ଇଷ୍ଟକୋଷ୍ଟ ରେଲୱେ, ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଇଷ୍ଟକୋଷ୍ଟ ରେଲୱେ, ଖୋର୍ଦ୍ଧା ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୧୭.୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ସାହୁ ସର୍ବାଧିକ ୨୫ରନ୍ ସଂଗ୍ରହ କରିଥିଲେ। ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣାର ବୋଲର ଏନ.ଜେ.ଆର. ପ୍ରସାଦ ୩ ଓଭର ବୋଲିଂ କରି ୧୪ ରନ୍ ଦେଇ ୩ ୱିକେଟ୍ ନେଇଥିବା ବେଳେ ସାଇ ବସନ୍ତ ୪ ଓଭର ବୋଲିଂ କରି ୨୪ ରନ୍ ଦେଇ ୨ ୱିକେଟ୍ ଅକ୍ତିୟାର କରିଥିଲେ । ଏହାର ଜବାବରେ ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ୧୪.୩ ଓଭର ଖେଳି ୫ ୱିକେଟ୍ ହରାଇ ୧୦୭ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ବସନ୍ତ ସର୍ବାଧିକ ୩୯ ରନ୍ ସଂଗ୍ରହ କରିଥିଲେ। ଏହି ଫାଇନାଲ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ୫ ୱିକେଟ୍‌ରେ ବିଜୟ ହାସଲ କରିଥିଲେ। ସୋମବାର ମ୍ୟାଚ୍‌ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏମ୍.ଜେ.ଏସ୍.ଆର ପ୍ରସାଦ ପୁରସ୍କୃତ ହୋଇଥିବା ବେଳେ ମ୍ୟାନ୍ ଅଫ୍ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ବସନ୍ତ ପୁରସ୍କୃତ ହୋଇଥିଲେ। ଏହି ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବ ପ୍ରସାଦ ଦାସ, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହ-ସମ୍ପାଦକ ବଟକୃଷ୍ଣ ମହାପାତ୍ର, ଉପ-ସଭାପତି ଅଭୟ ବଲ୍ଲଭ ପଣ୍ଡା, ପଦାରବିନ୍ଦ ପରିଡ଼ା, ଅୟସକାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ମନୋଜ ସାହୁ ଏକତ୍ରରେ ଉଭୟ ଦଳ ଓ ସାମ୍ବାଦିକମାନଙ୍କୁ ପୁରସ୍କୃତ କରିଥିବା ବେଳେ ଦିବାକର କର, ସଞ୍ଜୟ ବେହେରା, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ସୁବାଶିଷ ରାଉତ, ଭୂପତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ, ଆଶୁତୋଷ ପାଣି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ସୀତାଂଶୁ କର ପରିଚାଳନା କରିଥିଲେ।




# ବାଂଲାଦେଶରେ ଆଇପିଏଲ ପ୍ରସାରଣ ଉପରେ କଟକଣା

**ନୂଆଦିଲ୍ଲୀ**

ଧୀରେ ବିବାଦୀୟ ହେବାରେ ଲାଗିଛି ଭାରତ-ବାଂଲାଦେଶର ସମ୍ପର୍କ। ସେଠାରେ ସଂଖ୍ୟାଲଘୁଙ୍କ ହତ୍ୟା ଘଟଣା ବଢୁଥିବା ବେଳେ ଦୁଇ ଦେଶର ସମ୍ପର୍କ ଅଧିକ ତିକ୍ତ ହେଉଛି। ଏଭଳି ସ୍ଥିତିରେ ଏବେ ବାଂଲାଦେଶ ପକ୍ଷରୁ ନିଆଯାଇଛି ବଡ଼ ନିଷ୍ପତ୍ତି। ତାହା ହେଲା ସେଠାରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ବା ଆଇପିଏଲ ଆଉ ପ୍ରସାରଣ କରାଯିବନି। ଏନେଇ ସୋମବାର ବାଂଲାଦେଶ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ସବୁଠାରୁ ଖାସ୍ କଥା ଏହା ଯେ, ଏହି ନିଷ୍ପତ୍ତି ଏଭଳି ସମୟରେ ନିଆଯାଉଛି, ଯେତେବେଳେ ବାଂଲାଦେଶ ଟି-୨୦ ୱାର୍ଲ୍ଡକପ୍ ଖେଳିବା ପାଇଁ ଭାରତ ଆସିବାକୁ ମନା କରିଦେଇଛି।

ନିକଟରେ ଭାରତୀୟ କ୍ରିକେଟ ବୋର୍ଡ ବା ବିସିସିଆଇ ଫ୍ରାଞ୍ଚାଇଜ୍ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ବାଂଲାଦେଶର ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କୁ ତାଙ୍କ ଦଳରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲା। ଏହାର କିଛି ସମୟ ପରେ କେକେଆର ମୁସ୍ତାଫିଜୁର ରହମାନଙ୍କୁ ତାଙ୍କ ଦଳରୁ ବାଦ୍ ଦେଇଥିଲା। ଏହି ପଦକ୍ଷେପରେ କ୍ଷୁବ୍ଧ ହୋଇ ବାଂଲାଦେଶ ଏବେ ଏକ ବଡ଼ ପଦକ୍ଷେପ ନେଇଛି। ବାଂଲାଦେଶ ବିଶ୍ୱର ସବୁଠାରୁ ପ୍ରସିଦ୍ଧ କ୍ରିକେଟ୍ ଲିଗ୍, ଇଣ୍ଡିଆନ୍ ପ୍ରିମିୟର ଲିଗ୍ ବା ଆଇପିଏଲର ପ୍ରସାରଣକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଷେଧ କରିଛି। ଏହା ବାଂଲାଦେଶର ଆଇପିଏଲ ପ୍ରେମୀ କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଆଘାତ ହୋଇଛି।

ନିର୍ଦ୍ଦେଶ ଅନୁସାରେ, ଅଧିକାରୀମାନେ ଆଇପିଏଲ ସମ୍ପର୍କିତ ସବୁ ବ୍ରଡ୍‌କାଷ୍ଟ, ପ୍ରମୋସନ୍, ଇଭେଣ୍ଟ କଭରେଜକୁ ଅନିଶ୍ଚିତକାଳ ପର୍ଯ୍ୟନ୍ତ ବନ୍ଦ କରିଛନ୍ତି। ଅଧିକାରୀମାନେ କହିଛନ୍ତି ଯେ, ଏହି ନିଷ୍ପତ୍ତି 'ଜନହିତ'ରେ ନିଆଯାଇଛି। ଏହା ପୂର୍ବରୁ କେକେଆର ଅର୍ଥାତ କୋଲକାତା ନାଇଟ୍ ରାଇଡର୍ସର ଟିମ୍ ବାଂଲାଦେଶର ଟିମ୍‌ରୁ ବିଦା ହେବାପରେ ଏହି ନିର୍ଦ୍ଦେଶ ଦେଇଛି। ବାଂଲାଦେଶରେ ଜାରି ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ପରେ ରହମାନଙ୍କୁ ଟିମ୍‌ରେ ରଖିବା ନେଇ ଭାରତରେ ଖୁବ୍ ବିରୋଧ ହେଉଥିଲା। ବାଂଲାଦେଶର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଜାନୁଆରୀ ୫ ବା ସୋମବାର ଟେଲିଭିଜନ ଚ୍ୟାନେଲଗୁଡ଼ିକୁ ଆଇପିଏଲ ପ୍ରସାରଣ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହି ନିର୍ଦ୍ଦେଶ ଆନୁଷ୍ଠାନିକ ଭାବରେ ଏକ ଚିଠି ମାଧ୍ୟମରେ ଜାରି କରାଯାଇଥିଲା। ଚିଠିରେ ଉଲ୍ଲେଖ ଥିଲା ଯେ ବିସିସିଆଇ ଆଗାମୀ ଆଇପିଏଲ ସିଜିନ୍ ପାଇଁ ଆଇପିଏଲ ପ୍ରସାରଣ କରିବନି।

# ୧୯ରୁ ସର୍ବଭାରତୀୟ ଲାଲମନି କ୍ରିକେଟ୍




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିଅମରେ ଚଳିତ ମାସ ୧୯ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ୩୭ତମ ସର୍ବଭାରତୀୟ ଲାଲମନି କ୍ରିକେଟ ପ୍ରତିଯୋଗିତା (ଲାଲମନି କ୍ରିକ ଫେଷ୍ଟ-୨୦୨୬) ଆରମ୍ଭ ହେବ ବୋଲି ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ରାଜ୍ୟ ଭିତରୁ ୫ଟି ଏବଂ ରାଜ୍ୟ ବାହାରୁ ୪ଟି ଦଳ ଅଂଶଗ୍ରହଣ କରିବେ। ୨୨ ତାରିଖ ପ୍ରଥମ ସେମିଫାଇନାଲ ଏବଂ ୨୫ ତାରିଖ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ଫାଇନାଲ ଖେଳ ୨୬ ତାରିଖ ଦିନ ଅନୁଷ୍ଠିତ ହେବ। ପ୍ରତ୍ୟେକ ମ୍ୟାଚ ଟି-୨୦, ଟି-୧୦ ଫର୍ମାଟରେ ଖେଳାଯିବ। ଏପରିକି ଆବଶ୍ୟକ ପଡିଲେ ସୁପର-୨ ଓଭର ଖେଳାଯିବ ବୋଲି ସୂଚନା ଦେଇଛନ୍ତି। ଆନ୍ତର୍ଜାତିକ କ୍ରିକେଟିୟର ଖେଳାଳି ଆସିବା ଯୋଜନା ଅଛି ବୋଲି ସୂଚନା ଦେଇଛନ୍ତି। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ଯୋଜନା ଅଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରିକେଟ ସଙ୍ଘ ସଭାପତି ରାମଶଙ୍କର ସାହୁ, ଉପସଭାପତି ବି. ସତ୍ୟନାରାୟଣ ରାଓ, ସମ୍ପାଦକ ପ୍ରଦୀପ ସେଠୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ପାତ୍ର, ଜିଲ୍ଲା କ୍ରିକେଟ ସଂଘର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

# ପୁରୁଷ ହକି ଇଣ୍ଡିଆ ଲିଗ୍ : ବିଜୟରୁ କଳିଙ୍ଗ ଲାନସର୍ସର ଅଭିଯାନ, ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ହରାଇଲା

**ଚେନ୍ନାଇ**

ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ (ଏଚ୍‌ଆଇଏଲ) ବେଦାନ୍ତ କଳିଙ୍ଗ ଲାନସର୍ସ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଦଳ ସିଜନର ପ୍ରଥମ ମ୍ୟାଚ୍‌ରେ ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାଜିତ କରିଥିଲା। ସେମିତି ଅନ୍ୟ ଏକ ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସ ୩-୧ ଗୋଲରେ ସୁରମା ହକି କ୍ଲବ୍ ପରାସ୍ତ କରିଥିଲା।

ପ୍ରଥମ କ୍ୱାର୍ଟରରେ ରାଞ୍ଚି ବେଶ୍ ଭଲ ପ୍ରଦର୍ଶନ କରିଥିଲା। ପ୍ରଥମ ଓ ନବମ ମିନିଟ୍‌ରେ ୨ଟି ଗୋଲ୍ ଦେଇ ରାଞ୍ଚି ଅଗ୍ରଣୀ ଲାଭ କରିଥିଲା। କଳିଙ୍ଗ ଲାନସର୍ସର ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ୭ମ ମିନିଟ୍ ପ୍ରଥମ ଗୋଲ ପରିଶୋଧ କରିଥିଲା। ଏହି ଭାଗରେ ଉଭୟ ଦଳ ୩ଟି ଗୋଲ୍ ସ୍କୋର କରିଥିଲେ।

ଦ୍ୱିତୀୟ କ୍ୱାର୍ଟରରେ ଲାନସର୍ସ ଏକାକୀ ୩ଟି ଗୋଲ୍ ଦେଇ ମ୍ୟାଚ୍‌କୁ ନିୟନ୍ତ୍ରଣକୁ ନେଇଥିଲା। ୧୬ ଓ ୨୬ ମିନିଟ୍‌ରେ ଗୁରସାହିବଜିତ ସିଂ ଏବଂ ହେଣ୍ଡ୍ରିକ୍ସ ୨୮ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ଲାନସର୍ସ ୪-୨ ଗୋଲରେ ଅଗ୍ରଣୀ ହୋଇଥିଲା। ପରବର୍ତ୍ତୀ ୨ଟି କ୍ୱାର୍ଟର ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା। ବହୁ ପ୍ରୟାସ କରି ରାଞ୍ଚି ଆଉ ପ୍ରତ୍ୟାବର୍ତ୍ତନ କରିପାରି ନଥିଲା। ଶେଷରେ ଲାନସର୍ସ ୨ଟି ଗୋଲରେ ଅଗ୍ରଣୀ ରହି ବିଜୟୀ ହୋଇଥିଲା।



ବେଙ୍ଗଲ ଟାଇଗର୍ସ-ସୁରମା ହକି କ୍ଲବ : ଏହି ମ୍ୟାଚ୍‌ଟି ଏକତରଫା ରହିଥିଲା। ବେଙ୍ଗଲ ଦଳ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରି ଖେଳିଥିଲା। ଶେଷରେ ଦଳ ୩-୧ ଗୋଲରେ ମ୍ୟାଚ୍ ବିଜୟୀ ହୋଇଥିଲା। ବେଙ୍ଗଲ ପକ୍ଷରୁ ୩୩ ମିନିଟରେ ସୁଖଜିତ ସିଂ, ୪୫ ମିନିଟରେ ଅଭିଷେକ ଓ ୬୦ ମିନିଟରେ ଗୁରସେୱାକ ସିଂ ଗୋଲ୍ ଦେଇ ଦଳକୁ ଜିତାଇଥିଲେ। ୫୪ ମିନିଟରେ ସୁରମା ପକ୍ଷରୁ ପ୍ରଭଜୋତ ସିଂ ଗୋଟିଏ ଗୋଲ ପରିଶୋଧ କରିଥିଲେ।

ଚେନ୍ନାଇରେ ପ୍ରଥମ ପର୍ଯ୍ୟାୟ, ରାଞ୍ଚିରେ ଦ୍ୱିତୀୟ ଏବଂ ଭୁବନେଶ୍ୱରରେ ଅନ୍ତିମ ପର୍ଯ୍ୟାୟ ଲିଗ୍ ଖେଳାଯିବ। ଆସନ୍ତା ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଲିଗ ପର୍ଯ୍ୟାୟ ଏବଂ ୨୩ରୁ ନକ୍ ଆଉଟ୍ ଏବଂ ୨୬ରେ ଫାଇନାଲ ଖେଳାଯିବ। ସୋମବାର ଗୋଟିଏ ମ୍ୟାଚ ଦିଲ୍ଲୀ ଏସଜି ପାଇପର୍ସ ଓ ଏଚଆଇଏଲ୍ ଗଭର୍ଣ୍ଣିଂ କାଉନସିଲ ଦଳ ମଧ୍ୟରେ ଖେଳାଯିବାର ସୂଚୀ ରହିଛି।

ମହିଳାରେ ବେଙ୍ଗଲ ଜିତିଲା : ରାଞ୍ଚିରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ରେ ସୋମବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ବେଙ୍ଗଲ ଟାଇଗର୍ସ ୧-୦ ଗୋଲରେ ରାଞ୍ଚି ରୟାଲ୍ସକୁ ହରାଇଥିଲା। ୩୭ ମିନିଟରେ ବେଙ୍ଗଲ ବିଜୟୀ ଗୋଲ ସ୍କୋର କରିଥିଲା।

ସୋମବାର ସୁରମା ହକି କ୍ଲବ୍ ଓ ରାଞ୍ଚି ରୟାଲ୍ସ ମୁହାଁମୁହିଁ ହେବେ। ଦିଲ୍ଲୀ ସର୍ବାଧିକ ୧୦ ପଏଣ୍ଟ ସହ ଟେବୁଲରେ ଶୀର୍ଷ ସ୍ଥାନରେ ରହିଛି। ବେଙ୍ଗଲ ୮ ପଏଣ୍ଟ ସହ ଦ୍ୱିତୀୟ ଏବଂ ରାଞ୍ଚି ୬ ପଏଣ୍ଟ ସହ ୬ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିବାବେଳେ ଶେଷ ସ୍ଥାନରେ ରହିଥିବା ସୁରମା ହକି କ୍ଲବ ପଏଣ୍ଟ ଖାତା ଖୋଲି ପାରି ନାହିଁ।

# ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଫାଇନାଲରେ ରମ୍ଭା କ୍ରିକେଟ କ୍ଲବ୍ ବିଜୟୀ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମିନି ଷ୍ଟାଡିୟମରେ ପରିସର ରମ୍ଭା କପ୍ ସିଜନ-୪ ପକ୍ଷରୁ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୩ତମ ଦିବସରେ ଆଇସିସି ଇଚ୍ଛାପୁରମ୍ ସହ ରମ୍ଭା କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ରମ୍ଭା ଏନଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତଡେଇ, ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକ, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ସଂଜିତ ରାଉଳ, ଭୀମସେନ ବେହେରାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ସାଂସଦ ପ୍ରଦୀପ ପାଣିଗ୍ରାହୀ ଉପସ୍ଥିତ ଉତ୍ସାହୀ ଖେଳ ପ୍ରେମୀମାନଙ୍କୁ ନିଜର ଅଭିଭାଷଣ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଅଭୟ ବାଣୀ ବିଶ୍ୱ ଦରବାରରେ ସୁପରଚିତ ସହ ଖେଳୁଆଡ଼ ମନୋବୃତ୍ତି ନେଇ ଖେଳିଲେ ନିଶ୍ଚୟ ଲକ୍ଷ୍ୟ ପଥରେ ପହଞ୍ଚିବା ବୋଲି ଅଭିବ୍ୟକ୍ତ କରିଥିଲେ। ତତ୍‌ସହିତ ମିନି ଷ୍ଟାଡ଼ିଅମ୍‌ର ଅଭାବ ଅସୁବିଧା ପୂରଣ କରିବେ ବୋଲି ଜଣାଇଥିଲେ। ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ରହିଥିଲେ। ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୩ତମ ଦିବସରେ ପ୍ରଥମ ଇନିଂସରେ ଆଇସିସି ଇଚ୍ଛାପୁରମର ଅଧିନାୟକ ଜି. ଲାବନ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ରମ୍ଭା କ୍ରିକେଟ କ୍ଲବ ୯ ଉଇକେଟ ବିନିମୟରେ ୧୬୨ ରନ ସଂଗୃହିତ କରିଥିଲା। ରମ୍ଭା ଦଳ ପକ୍ଷରୁ ଉପଅଧିନାୟକ ସଚିନ କୁମାର ଗୌଡ଼ ସର୍ବାଧିକ ୩୯ ବଲରେ ୩୪ ରନ କରି ବେଷ୍ଟ ବ୍ୟାଟ୍‌ସମ୍ୟାନ ଘୋଷିତ ହୋଇଥିଲେ। ଜବାବରେ ଇଚ୍ଛାପୁରମର ପୃଥିବୀ ୩୦ଟି ବଲରେ ସମ୍ମୁଖୀନ ହୋଇ ୩୬ ରନ କରିଥିଲେ। ରମ୍ଭା ଦଳ ପକ୍ଷରୁ ଆୟୁଷଙ୍କୁ ୪ ଓଭରରେ ୨୬ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ମୁଖ୍ୟ ଅତିଥି ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଆୟୁଷଙ୍କୁ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ। ତତ୍ ସଙ୍ଗେ ସଙ୍ଗେ ୱିନର ମହେଶ୍ୱର ନାୟକଙ୍କୁ ଅତିଥିମାନେ ଟ୍ରଫି ସହ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ ଏବଂ ରନର୍ସଅପ୍‌କୁ ଟ୍ରଫି ସହ ୨୫ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ଏଥିରେ ଭାଷ୍ୟକାର ସନ୍ତୋଷ କୁମାର ନାହାକ ଓ ମହେଶ କୁମାର ମୁନ୍ଦ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଜଗନ୍ନାଥ ଚୌଧୁରୀ କରିଥିବା ବେଳେ ଅମ୍ପାୟାର ଦେବବ୍ରତ ଦେବ ଏବଂ ସୁଶାନ୍ତ ପଣ୍ଡା ରହିଥିଲେ। ରମ୍ଭା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ହାପି, ଗୁପ୍ତ, ଭବାନୀ, ସିଲୁ, ସୌମ୍ୟ, ଚିକୁ, କୃଷ୍ଣ, ବିକି, ଦୁଷ୍ମନ୍ତ, ଉମା, ସଚିନ, ଓ ସଦସ୍ୟା ଜୁଲି, ମଲି, ଇତି, ଝରଣା, ସହ ଅନ୍ୟମାନେ ସହଯୋଗ କରିଥିଲେ। ତତ ସହିତ ଦ୍ୱୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା କରିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତ କର୍ମଚାରୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।




# ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ କେନ୍ଦୁଝର ଗସ୍ତ : ଶିଳ୍ପ ସମୀକ୍ଷା ସହ କ୍ରିକେଟ ଖେଳାଳିଙ୍କୁ ଉତ୍ସାହ ପ୍ରଦାନ

**କେନ୍ଦୁଝର, ନ୍ୟୁଜ୍**

ରାଜ୍ୟର ବୈଷୟିକ ତଥା ଯାନ୍ତ୍ରିକ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଏବଂ ଉନ୍ନତି ଆଣିବା ଲକ୍ଷ୍ୟରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ କେନ୍ଦୁଝର ଜିଲ୍ଲା ଗସ୍ତ କରି ସ୍ଥାନୀୟ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡ଼ିକର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି। ନିଜର ଏହି ଗସ୍ତ କାଳରେ ସେ ପ୍ରଥମେ କେନ୍ଦୁଝର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ଦର୍ଶନ କରିବା ସହ ରାଜ୍ୟର କଲ୍ୟାଣ ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହ, ସେ ସେଠାରେ ଶ୍ରଦ୍ଧାଳୁଙ୍କ ସୁବିଧା ସୁଯୋଗ ଓ ମନ୍ଦିରର ପରିବେଶ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ଜିଲ୍ଲାର ଦୁଇଟି ପ୍ରମୁଖ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହ ଅଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ପ୍ରଥମେ କେନ୍ଦୁଝର ସ୍ଥିତ ସରକାରୀ ପ୍ରକଳ୍ପ ମହାବିଦ୍ୟାଳୟ ଗସ୍ତ କରିଥିଲେ। ସେଠାରେ ସେ ଅଧ୍ୟକ୍ଷ ଓ ବରିଷ୍ଠ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରି ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ସରକାରୀ ପ୍ରକଳ୍ପ ମହାବିଦ୍ୟାଳୟ କୁ କିଭଳି ଏକ ଅଗ୍ରଣୀ ବୈଷୟିକ ଅନୁଷ୍ଠାନ ଭାବେ ଗଢ଼ାଯାଇପାରିବ, ସେ ନେଇ ସେ ଅଧ୍ୟାପକ ଓ କର୍ମଚାରୀଙ୍କ ଠାରୁ ପରାମର୍ଶ ଗ୍ରହଣ କରିଥିଲେ। ଏହାପରେ ମନ୍ତ୍ରୀ ଓଡ଼ିଶା ସ୍କୁଲ ଅଫ୍ ମାଇନିଂ ଇଞ୍ଜିନିୟରିଂ ପରିଦର୍ଶନ କରିଥିଲେ। ସେଠାରେ ବିଭିନ୍ନ ବିଭାଗ ବୁଲି ଦେଖିବା ସହ ଗବେଷଣାଗାର ଗୁଡ଼ିକର ଅନୁଧ୍ୟାନ କରିଥିଲେ। ଶିକ୍ଷାର ମାନ ବୃଦ୍ଧି କରିବା ସହ ଛାତ୍ରଛାତ୍ରୀଙ୍କୁ କିଭଳି ଶତପ୍ରତିଶତ ନିଯୁକ୍ତି ମିଳିପାରିବ, ସେଥିପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ କେନ୍ଦୁଝର ଗସ୍ତର ଦ୍ୱିତୀୟ ଦିନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ମନ୍ତ୍ରୀ କେନ୍ଦୁଝରରୁ ବାହାରି ଶିଳ୍ପାଞ୍ଚଳ ବଡ଼ବିଲ ଗସ୍ତ କରିବା ସହ ସେଠାରେ ବୈଷୟିକ ଶିକ୍ଷା ଓ ଶିଳ୍ପ ସମୀକ୍ଷା କରିଛନ୍ତି। ସେ ବଡ଼ବିଲ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ସେ ଶିକ୍ଷାନୁଷ୍ଠାନର ବିଭିନ୍ନ ବିଭାଗ ବୁଲି ଦେଖିବା ସହ ଅଧିକାରୀମାନଙ୍କ ସହ ଭିତ୍ତିଭୂମି ଓ ଶିକ୍ଷାର ମାନ ଉପରେ ସମୀକ୍ଷା କରିଥିଲେ। ଏହାପରେ ସେ ମାଟକାମବେଡ଼ା ଶିଳ୍ପାଞ୍ଚଳ ଗସ୍ତ କରି ବିଭିନ୍ନ ଶିଳ୍ପ ୟୁନିଟ୍ ବୁଲି ଦେଖିଥିଲେ ଏବଂ ସେଠାକାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗ୍ରାମରେ ପହଞ୍ଚି ସେଠାରେ ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ରାଜ୍ୟ ଏବଂ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ବିକାଶ ଏବଂ ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ସେ କର୍ମୀମାନଙ୍କ ସହ ମତବିନିମୟ କରିବା ସହ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚି ପାରୁଛି କି ନାହିଁ ତା ଉପରେ ଦୃଷ୍ଟି ଦେବାକୁ କହିଥିଲେ। ଗସ୍ତର ଅନ୍ୟ ଏକ ପର୍ଯ୍ୟାୟରେ ମନ୍ତ୍ରୀ ସ୍ଥାନୀୟ ଆଶ୍ରମ ସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ସେ ଅନ୍ତେବାସୀ ଓ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ପାଠପଢ଼ା ଏବଂ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହେବା ପାଇଁ ଏବଂ କଠିନ ପରିଶ୍ରମ ମାଧ୍ୟମରେ ଲକ୍ଷ୍ୟ ହାସଲ କରିବାକୁ ସେ ପିଲାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଶିକ୍ଷାର ମାନବୃଦ୍ଧି ଏବଂ ସ୍କୁଲର ଭିତ୍ତିଭୂମି ବିକାଶ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ସଦର ବ୍ଲକ କାଠବାଉଁଶୁଳୀ ସ୍ଥିତ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ପହଞ୍ଚି ସେଠାରେ ଅନୁଷ୍ଠିତ ୨୫ତମ ଜାତୀୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଓ ଉଦ୍‌ଯାପନୀ ଉତ୍ସବରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେଠାରେ ସେ ବିଜୟୀ ଦଳ ସମେତ ଅନ୍ୟାନ୍ୟ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ବିତରଣ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଯୁବପିଢ଼ିଙ୍କ ଆଗ୍ରହ ବଢ଼ାଇବା ପାଇଁ ସେ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ।



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-2917
**ଆକାଶ ଶୋଭା ବିଲ୍‌ଡିଂ**
**ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧**

ପତ୍ର ସଂଖ୍ୟା ୨୫୬୫୪ / ଭୁ.ଉ.କ., ଭୁବନେଶ୍ୱର NSDH-522/2007 — **ସୂଚନା** — ତା ୩୦.୧୨.୨୦୨୫ରିଖ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନେତାଜୀ ସୁବାସ ଇନକ୍ଲାଭ ହାଉସିଂ ସ୍କିମ୍, ମୌଜା-ଗାଡ଼କଣ, ଭୁବନେଶ୍ୱର ଅନ୍ତର୍ଗତ HIG ଫ୍ଲାଟ୍ ନଂ- J-06 କୁ **ଶ୍ରୀ ରବି ନାରାୟଣ ପଣ୍ଡା, ପିତା-କାହ୍ନୁ ଚରଣ ପଣ୍ଡା, ଗ୍ରାମ-ଦିନିଆରୀ, ପୋଷ୍ଟ-ଭୋଗଡ଼ା, ଥାନା/ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା**ଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ଆବଣ୍ଟନଗ୍ରାହୀ **ରବି ନାରାୟଣ ପଣ୍ଡାଙ୍କର ପୁତ୍ର ସୌରଭ ପଣ୍ଡା** ଗତ ତା-୦୭.୦୪.୨୦୨୧ ରିଖରେ ମୃତ୍ୟୁବରଣ କରିଅଛନ୍ତି। **(Death certificate Registration No.D-2021:27-90379-000573** dated **12.05.2021).**

**Legal heir certificate Misc.Case No. E-LHC/2021/118890 dated 30.07.2021** ଅନୁଯାୟୀ **ସୌରଭ ପଣ୍ଡାଙ୍କର** ଉତ୍ତରାଧିକାରୀ (୧) ସୁଷ୍ମିତା ପଣ୍ଡା (ମା) ଓ (୨) ଅନନ୍ୟା ମିଶ୍ର (ବିଧବା ସ୍ତ୍ରୀ) ଅଟନ୍ତି। ଆବଣ୍ଟନଗ୍ରାହୀ **ରବି ନାରାୟଣ ପଣ୍ଡା** ଗତ ତା-୦୭.୦୫.୨୦୨୧ରିଖରେ ମୃତ୍ୟୁ ବରଣ କରିଅଛନ୍ତି। **(Death certificate Registration No.4364/2021** dated 10.05.2021).

**Legal heir certificate Misc.Case No. E-LHC/2021/152582 dated 26.08.2021** ଅନୁଯାୟୀ **ରବି ନାରାୟଣ ପଣ୍ଡା**ଙ୍କର ଉତ୍ତରାଧିକାରୀ (୧) ସୁଷ୍ମିତା ପଣ୍ଡା (ସ୍ତ୍ରୀ), (୨) ସୌମ୍ୟଶ୍ରୀ ପଣ୍ଡା (ବିବାହିତା କନ୍ୟା) ଓ (୩) ଅନନ୍ୟା ମିଶ୍ର (ବିଧବା ବୋହୂ) ଅଟନ୍ତି।

ବର୍ତ୍ତମାନ **ସୌମ୍ୟଶ୍ରୀ ପଣ୍ଡା ଓ (୩) ଅନନ୍ୟା ମିଶ୍ର** ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment-Document No.11082509771 dated 03.11.2025) ମାଧ୍ୟମରେ ଉକ୍ତ ଫ୍ଲାଟ୍‌ରେ ଥିବା ନିଜର ଅଧିକାର/ଅଂଶକୁ **ସୁଷ୍ମିତା ପଣ୍ଡାଙ୍କୁ** ହସ୍ତାନ୍ତର କରିଅଛନ୍ତି।

ସୁତରାଂ ଉକ୍ତ ଫ୍ଲାଟ୍‌ଟି **ସୁଷ୍ମିତା ପଣ୍ଡାଙ୍କ** ନାମରେ ସମ୍ପୂର୍ଣ୍ଣ ମାଲିକାନା ସତ୍ୱ ପରିବର୍ତ୍ତନ କରିଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଉକ୍ତ ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଫ୍ଲାଟ୍‌ର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ
OIPR-13033/11/0445/2526 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୬ ଜାନୁଆରୀ ୨୦୨୬ ମଙ୍ଗଳବାର







ଭୁବନେଶ୍ୱର : ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର ଏବଂ ଅନ୍ୟ ସଦସ୍ୟାଗଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସ ଭବନରେ ଭେଟି ଆୟୋଗର କାର୍ଯ୍ୟ ବିବରଣୀ ପୁସ୍ତିକା ପ୍ରଦାନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ସୁସ୍ଥ ସମାଜ ଗଠନରେ ସୁଖୀ ପରିବାର ଏକାନ୍ତ ଆବଶ୍ୟକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୋଟିଏ ସୁସ୍ଥ ସମାଜ ଗଠନ ପାଇଁ ସୁଖୀ ପରିବାରମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଜିକାଲିର ଯାନ୍ତ୍ରିକ ଯୁଗରେ ବିଶ୍ୱର ବ୍ୟବସାୟିକ ଉନ୍ନତି ହୋଇଥିଲେ ମଧ୍ୟ ମଣିଷ ଧିରେ ଧିରେ ଯନ୍ତ୍ରର ଦାସ ହୋଇ ମାନବିକ ସମ୍ବେଦନଶୀଳତାରୁ ଦୂରେଇ ଯାଉଛି। ଆଗକାଳର ଯୌଥ ପରିବାରରେ ଯେପରି ସମସ୍ତ ସଭ୍ୟମାନେ ବାନ୍ଧି ହୋଇ ରହୁଥିଲେ ବର୍ତ୍ତମାନର ପରିବାର ବିଚ୍ଛିରିତ ଓ ବ୍ୟକ୍ତିକୈନ୍ଦ୍ରିକ ହୋଇ ସମ୍ପର୍କ ହରାଇ ବସିଲାଣି। ସେଥିପାଇଁ ପରିବାରରେ ସମ୍ପର୍କର ସେତୁକୁ ଦୃଢ଼ କରିବାକୁ ହେଲେ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ପ୍ରେମ ଓ ବିଶ୍ୱାସର ବାତାବରଣ ଆଣିବାକୁ ହେବ ତଥା ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିବାକୁ ହେବ ବୋଲି କହିଛନ୍ତି ମୁଖ୍ୟବକ୍ତା ବରିଷ୍ଠ ଲେଖିକା, ସ୍ତମ୍ଭକାର ଓ କଣ୍ଠଶିଳ୍ପୀ ଶ୍ରୀମତୀ ଛନ୍ଦା ମିଶ୍ର। ଖଣ୍ଡଗିରି ଛକସ୍ଥିତ ପିପିଏଲ୍ କଲୋନୀରେ ନବବର୍ଷ ଉପଲକ୍ଷେ ଆୟୋଜିତ ସଭାରେ ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଶ୍ରୀମତୀ ମିଶ୍ର ମନୋଜ ଦାସଙ୍କ 'ଅମୃତଫଳ' ଉପନ୍ୟାସରୁ ଉଦାହରଣ ଦେଇ ଏକ ସୁସ୍ଥ ପରିବାର, ପରମ୍ପରା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଅତିଥି ପ୍ରାକ୍ତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ କଲୋନୀ ଜୀବନର ଉପାଦେୟତା ସମ୍ପର୍କରେ ବର୍ଣ୍ଣନା କରି କିପରି ଭାଇଚାରା ସୃଷ୍ଟି ହୋଇଥାଏ ତାହାର ଉଦାହରଣ ଦେଇ କଲୋନୀକୁ ସର୍ବାଙ୍ଗସୁନ୍ଦର କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ବକ୍ତା କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ ପିପିଏଲ୍ କଲୋନୀ ପାଇଁ ବହୁ ଉନ୍ନତିମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ ଓ ଭବିଷ୍ୟତରେ ମଧ୍ୟ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର କଲୋନୀ ଜୀବନରେ ସୁସ୍ଥ ପରମ୍ପରା ସୃଷ୍ଟି କରିବା ପାଇଁ ଉଦାହରଣ ଦେଇ ପିପିଏଲ୍ କଲୋନୀକୁ ଗୋଟିଏ ଆଦର୍ଶ କଲୋନୀ ଭାବେ ପରିଗଣିତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସଙ୍ଗୀତଗୁରୁ ଶ୍ରୀ ରାଜକୁମାର ପ୍ରଧାନଙ୍କ ନିର୍ଦ୍ଦେଶନାରେ ତଥା ସୁବାସ କୁମାର ସାହୁ ଓ କିଶୋର ଚନ୍ଦ୍ର ନାୟକଙ୍କ ପରିଚାଳନାରେ କଲୋନୀର ଅନ୍ତେବାସୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ସମନ୍ୱିତା ସାହିତ୍ୟ ସଂସଦର ନାରୀ ଲେଖିକାଗଣ ଡ. ମନସ୍ୱିନୀ ଦାଶଙ୍କ ତତ୍ତ୍ୱାବଧାନରେ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଦ୍ୱିତୀୟ ଓଡ଼ିଶା ପରବ ପାଇଁ ପର୍ଯ୍ୟଟନ ବିଭାଗର ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ

# ଗୌହାଟୀରେ ତିନିଦିନ ଧରି ହେବ 'ଦ୍ୱିତୀୟ ଓଡ଼ିଶା ପରବ'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆସନ୍ତା ଜାନୁୟାରୀ ୩୦ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆସାମର ଗୌହାଟୀର ରାଡିସନ ବ୍ଲୁ ହୋଟେଲରେ ଆୟୋଜିତ ହେବାକୁ ଥିବା 'ଦ୍ୱିତୀୟ ଓଡ଼ିଶା ପରବ' ପରିପ୍ରେକ୍ଷୀରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପର୍ଯ୍ୟଟନ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଅଧ୍ୟକ୍ଷତା କରି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଓଡ଼ିଆ ଖାଦ୍ୟ, ହସ୍ତଶିଳ୍ପ, ହସ୍ତକଳା ଓ ପର୍ଯ୍ୟଟନର ପ୍ରଚାରପ୍ରସାର ଓ ସଫଳ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ବୈଠକରେ ଦୀପଙ୍କର ଉପସ୍ଥିତ ଥିବା ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମକୁ ସୁନ୍ଦର ଓ ସଫଳତାର ସହ ଆୟୋଜନ କରିବାକୁ ଆଲୋଚନା କରିଥିଲେ । ଏହି ବୈଠକରେ ମୋଟ ୬ଟି ବିଭାଗ ତରଫରୁ ୨୦ଟି ଷ୍ଟଲ ଏବଂ ୧୦ଟି ଫୁଡ଼ ଷ୍ଟଲ ପ୍ରଦର୍ଶିତ ହେବ ବୋଲି ଚୂଡାନ୍ତ ନିଷ୍ପତ୍ତି ଗୃହୀତ ହୋଇଛି । 'ଦ୍ୱିତୀୟ ଓଡ଼ିଶା ପରବ'ରେ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ତରଫରୁ ସର୍ବାଧିକ ୬ଟି ଷ୍ଟଲ ପ୍ରଦର୍ଶନ ହେବ। ହସ୍ତକଳା ବିଭାଗ ତରଫରୁ ୬ଟି ଷ୍ଟଲ, ଓର୍ମାସ୍ ତରଫରୁ ୩ଟି ଷ୍ଟଲ, ମିଶନ ଶକ୍ତି ବିଭାଗ ତରଫରୁ ୩ଟି ଷ୍ଟଲ ସହ ଆଦିଶା ତରଫରୁ କୋରାପୁଟ କଫିର ପ୍ରଦର୍ଶନ ହେବାକୁ ଥିବାବେଳେ କାର୍ଯ୍ୟକ୍ରମକୁ ସୁନ୍ଦର ଏବଂ ଆକର୍ଷିତ କରିବା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସ୍ଥିର ହୋଇଛି । ଉତ୍ତର-ପୂର୍ବ ରାଜ୍ୟରେ କିଭଳି ଓଡ଼ିଶାର ଐତିହ୍ୟ, ପରମ୍ପରା ଅଧିକରୁ ଅଧିକ ପ୍ରଚାର ହେବ ଏବଂ ବାହାର ରାଜ୍ୟରୁ ଶିଳ୍ପପତିମାନେ ଓଡିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ହେବେ, ସେ ଦିଗରେ ମଧ୍ୟ ଆଲୋଚନା କରାଯାଇଥିଲା । ସେଠାରେ ବସବାସ କରୁଥିବା ଓଡ଼ିଆ ସମାଜର ଅଧିବାସୀମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ୍ କରି ପରବକୁ ସଭିଙ୍କ ପାଇଁ ସ୍ମରଣୀୟ କରିବା ଉପରେ ନିର୍ଦ୍ଦେଶକ ଗୁରୁତ୍ୱ ଦେଇଥିଲେ । ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସୂଚନା ଓ ଲୋକସମ୍ପର୍କ ବିଭାଗ, ମିଶନ ଶକ୍ତି ବିଭାଗ, ହସ୍ତତନ୍ତ ଏବଂ ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓର୍ମାସ୍ ,ଓଡିଶା ପର୍ଯ୍ୟଟନ ବିକାଶ ନିଗମ, ଫିକି ଏବଂ ଓଡ଼ିଶା ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସେମାନଙ୍କ ବିଭାଗର ପ୍ରଦର୍ଶିତ ହେବାକୁ ଥିବା ଷ୍ଟଲ ବିଷୟରେ ଅବଗତ କରାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୯୫ ପ୍ରତିଶତ...

ବକେୟା ଅଭିଯୋଗ ଗୁଡିକ ପ୍ରକ୍ରିୟା ମଧ୍ୟରେ ରହିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗ ଗୁଡିକ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ଆସୁଛି। ଗୋଟିଏ ଗୋଟିଏ ଅଭିଯୋଗ ସହିତ ଅତି କମ୍‌ରେ ଦୁଇ ତିନି ଜଣରୁ ଆରମ୍ଭ କରି ୧୦ ଜଣ ପର୍ଯ୍ୟନ୍ତ ରହୁଛନ୍ତି। ସେ ଦୃଷ୍ଟିରୁ ଦେଖିବାକୁ ଗଲେ ଆଜି ସୁଦ୍ଧା ପ୍ରାୟ ୫୬ ହଜାରରୁ ଊର୍ଦ୍ଧ୍ୱ ଲୋକ ଜନ ଶୁଣାଣି ପ୍ରକୋଷ୍ଠକୁ ଆସି ସେମାନଙ୍କ ଅଭିଯୋଗ ଶୁଣାଇଛନ୍ତି। ଏଥି ସହିତ ଜନ ଶୁଣାଣି ପୋର୍ଟାଲ ଏବଂ ଡାକ ଇତ୍ୟାଦି ଯୋଗେ ଆସିଥିବା ୧,୪୯,୪୧୮ ଅଭିଯୋଗ ମଧ୍ୟରୁ ୧,୩୦,୮୪୫ ଅର୍ଥାତ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି।

ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ଲୋକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଲୋକଙ୍କର ବହୁଦିନର ସମସ୍ୟାର ସମାଧାନ ହୋଇପାରୁଛି। ସାଧାରଣ ଲୋକମାନେ ନ୍ୟାୟ ପାଇପାରୁଛନ୍ତି। ଏଥିଯୋଗୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢିଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

### ଓଡ଼ିଶା ଭିଜନରେ...

ବୈଠକରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା । ବୈଠକରେ ରାଜ୍ୟ ତଥା ଦେଶର ଦୀର୍ଘମିଆଦି ଉନ୍ନୟନ ଦୃଷ୍ଟିକୋଣ, ଓଡ଼ିଶା ଭିଜନରେ ରହିଥିବା ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟାନୁଷ୍ଠାନ ସଂପର୍କିତ ଆଲୋଚନା ହୋଇଥିଲା । ଓଡ଼ିଶା ଭିଜନ ଅନ୍ତର୍ଗତ ଭୁବନେଶ୍ୱର–କଟକ–ପୁରୀ–ପାରାଦୀପ–କଟକ ଆର୍ଥିକ ଅଞ୍ଚଳ (ବିସିପିପିଇଆର) ର ବିକାଶ ସମ୍ପର୍କରେ ଆଲୋଚନା କରାଯାଇ, ଏହି ଅଞ୍ଚଳକୁ ଏକ ସଂଯୁକ୍ତ ଆର୍ଥିକ ଓ ସହରୀକରଣ ବିକାଶ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ଏଥି ସମ୍ପର୍କିତ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଜନଜାତି ସମୁଦାୟଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ ପାଇଁ ଶାଳମଞ୍ଜି ଭଳି ବନଜାତ ଦ୍ରବ୍ୟର ମୁଲ୍ୟଯୁକ୍ତ ପ୍ରକ୍ରିୟାକରଣ ଉପରେ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ଯୁବଶକ୍ତିଙ୍କୁ ଆଧୁନିକ ଶିଳ୍ପ ଓ ସେବାଭିତ୍ତିକ କ୍ଷେତ୍ରରେ ଭବିଷ୍ୟତ ଆବଶ୍ୟକତା ପୂରଣ ପାଇଁ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଆଯାଇଛି । ଶକ୍ତି କ୍ଷେତ୍ରରେ ନୂତନ ଓ ନବୀକରଣ ଯୋଗ୍ୟ ଶକ୍ତି ଉତ୍ସ ମାଧ୍ୟମରେ ସ୍ୱଚ୍ଛ ଓ ସୁସ୍ଥାୟୀ ଉର୍ଜା ବ୍ୟବହାର ପାଇଁ କାର୍ଯ୍ୟ ବ୍ୟବସ୍ଥା ତ୍ୱରାନ୍ୱିତ କରିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । କମ୍ ଖର୍ଚ୍ଚରେ, ଦୀର୍ଘ ସ୍ଥାୟୀ ଓ ସ୍ୱଚ୍ଛ ଉର୍ଜା ବ୍ୟବସ୍ଥାକୁ ଗ୍ରହଣ କରିବା ପାଇଁ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରାଯାଇଥିଲା ।

ସୂଚନାଯୋଗ୍ୟ ଯେ ପୂର୍ବରୁ ଏ ସଂପର୍କରେ ନୀତି ଆୟୋଗ ଏବଂ ଆଇଏସଇଜି ଫାଉଣ୍ଡେସନ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇ ତଦନୁସାରେ କାର୍ଯ୍ୟ ଜାରି ରହିଛି । ସେ ସଂପର୍କରେ ଫାଉଣ୍ଡେସନ ପକ୍ଷରୁ ପର୍ଯ୍ୟବେକ୍ଷଣ ଓ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ନୀତି ଫ୍ରଣ୍ଟିଅର ଟେକ୍ ହବ୍ ମାଧ୍ୟମରେ ନୂତନ ପ୍ରଯୁକ୍ତି, ଗବେଷଣା ଓ ନବ ସୃଜନକୁ ସଂଯୋଜିତ କରି ଦେଶର ନିରନ୍ତର ପ୍ରଗତିକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲିଭିଂ ଲ୍ୟାବ କାର୍ଯ୍ୟକ୍ରମ ଅନ୍ତର୍ଗତ ଗବେଷଣା ଓ ନବସୃଜନକୁ ଉତ୍ସାହିତ କରାଯାଇ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ମଧ୍ୟରେ ଅପପୁଷ୍ଟିର ନିରାକରଣ ଓ ପୋଷଣ ପାଇଁ ବ୍ୟବହାରିକ ଅନ୍ତର୍ଦୃଷ୍ଟି ଦ୍ୱାରା ବିଭିନ୍ନ ପ୍ରୟୋଗାତ୍ମକ ପଦକ୍ଷେପ ଉପରେଏକ ବିଶେଷ ଉପସ୍ଥାପନ କରାଯାଇଥିଲା, ଯାହାକି ଆଗାମୀ ଦିନରେ କାର୍ଯ୍ୟକାରୀ ହେବ। ସୁଶାସନ ପାଇଁ ପ୍ରଯୁକ୍ତି ବିଦ୍ୟା, ଗବେଷଣା ଓ ନବ ସୃଜନକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ରାଜ୍ୟ ଓ କେନ୍ଦ୍ରୀୟ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ କରି ଓଡ଼ିଶାକୁ ଏକ ସୁସ୍ଥାୟୀ, ସମାବେଶୀ ଓ ନବସୃଜନ ଆଧାରରେ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିବା ନେଇ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ ପାଇଥିଲା।

ବୈଠକରେ ଓଡ଼ିଶା ସରକାରଙ୍କ ଅର୍ଥ, ଇଲେକ୍ଟ୍ରୋନିକ ଓ ଆଇଟି, ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ବିଦ୍ୟା, ଉଚ୍ଚ ଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ ତଥା ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା, ଗୃହ ନିର୍ମାଣ , ବାଣିଜ୍ୟ ଓ ପରିବହନ, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଯୋଜନା ଓ ସଂଯୋଜନ ଆଦି ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଲାଚନାରେ ଅଂଶଗ୍ରହଣ କରିଥିଲେ।

### ଆମେରିକା ଉପରାଷ୍ଟ୍ରପତି ...

ଗିରଫ କରାଯିବା ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅପରେସନ ପରେ ଭାନ୍ସ କହିଥିଲେ ଯେ, ମାଦୁରୋଙ୍କୁ କ୍ଷମତା ଛାଡ଼ିବା ପାଇଁ ଅନେକ ବିକଳ୍ପ ଦିଆଯାଇଥିଲା। ମାତ୍ର ମାଦୁରୋ ସବୁ ପ୍ରତ୍ୟାଖ୍ୟାନ କରିଥିଲେ। ଉଲ୍ଲେଖନୀୟ ଜେଡି ଭାନ୍ସ ଆମେରିକାର ୫୦ତମ ଉପରାଷ୍ଟ୍ରପତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ଗତ ବର୍ଷ ସେ ପ୍ରଥମ ଥର ଉପରାଷ୍ଟ୍ରପତି ପଦରେ ଶପଥ ନେଇଥିଲେ। ତାଙ୍କ ପତ୍ନୀ ଉଷା ଚିଲୁକୁରୀ ଭାନ୍ସ ଭାରତୀୟ ବଂଶୋଦ୍ଭବ।

### ବାଲେଶ୍ୱର ସହରରେ...

ଜାଳେଣୀ ଓ ଆବର୍ଜନା ଜାଳିବା ସମ୍ପୂର୍ଣ୍ଣ ମନା ହୋଇଛି । ଆସନ୍ତା ୭ଦିନ ପାଇଁ ଏହି ଗାଇଡଲାଇନ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ପ୍ରଶାସନ। ଗତ କିଛିଦିନ ଧରି ରାଜ୍ୟରେ ଦେଖା ଦେଇଥିବା ପ୍ରଦୂଷଣ ମାତ୍ରା ସରକାରଙ୍କୁ ଚିନ୍ତାରେ ପକାଇଦେଇଥିଲା ।

### ଆଜମେର ସରିଫ ...

ଆବେଦନକୁ ଖାରଜ କରାଯାଉଛି। ଏକ ସଂକ୍ଷିପ୍ତ ଶୁଣାଣି ପରେ ମାମଲାକୁ ଖାରଜ କରାଯାଇଥିଲା।

ବିଶ୍ୱ ବୈଦିକ ସନାତନ ସଂଘର ସଭାପତି ଜିତେନ୍ଦ୍ର ସିଂହଙ୍କ ଦ୍ୱାରା ଆଇନଜୀବୀ ବରୁଣ କୁମାର ସିହ୍ନାଙ୍କ ମାଧ୍ୟମରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ଏଥିରେ ଆଜମେର ସରିଫ ଦରଘାରେ ଚଢ଼ାଇବା ପାଇଁ ଚାଦର ଅର୍ପଣ ବନ୍ଦ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା, କାରଣ ଏପରି ପ୍ରଥା ଲୋକଙ୍କ ଇଚ୍ଛା, ଦେଶର ସାର୍ବଭୌମତ୍ୱ ଏବଂ ସମ୍ବିଧାନର ମୂଲ୍ୟବୋଧ ବିରୋଧରେ ବୋଲି ଉଲ୍ଲେଖ କରାଯାଇଥିଲା।

ଶୁଣାଣି ସମୟରେ ଆଇନଜୀବୀ ବରୁଣ ସିହ୍ନା କହିଥିଲେ ଯେ, ଆବେଦନଟି ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କୁ ଦିଆଯାଉଥିବା ସରକାରୀ ସମ୍ମାନ, ସରକାରୀ ସୁରକ୍ଷା ଏବଂ ପ୍ରତୀକାତ୍ମକ ମାନ୍ୟତା ଉପରେ ପ୍ରଶ୍ନ ଉଠାଇଛି।

ସେ ଯୁକ୍ତି ଦେଇଥିଲେ, ସମ୍ବିଧାନର ଧାରା ୨୬ ଅନୁଯାୟୀ ଆଜମେର ଦରଘା ଏକ ସୁରକ୍ଷିତ ଧାର୍ମିକ ସ୍ଥଳ ଭାବରେ ଯୋଗ୍ୟ ନୁହେଁ। ସେ ୧୯୬୧ ମସିହାର ଦରଘା କମିଟି, ଆଜମେର ଏବଂ ଅନ୍ୟାନ୍ୟ ବନାମ ସୟଦ ହୁସେନ ଅଲ୍ଲୀ ଏବଂ ଅନ୍ୟାନ୍ୟ ମାମଲାରେ ସମ୍ବିଧାନ ପୀଠର ରାୟର ଉଦାହରଣ ଦେଇଥିଲେ।

କୋର୍ଟ ସ୍ପଷ୍ଟ କରିଛନ୍ତି, ବର୍ତ୍ତମାନର ଆବେଦନ ଖାରଜ ହେବା ଦ୍ୱାରା ଆଜମେର କୋର୍ଟରେ ବିଚାରାଧୀନ ସିଭିଲ୍ ମାମଲା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ସୁପ୍ରିମକୋର୍ଟ ଏହି ଆବେଦନକୁ ତୁରନ୍ତ ତାଲିକାଭୁକ୍ତ କରିବାକୁ ମନା କରିବାର ମାତ୍ର ସପ୍ତାହ ପରେ ଏହି ରାୟ ଆସିଛି। ଆଜମେର ଶରିଫ୍ ଦରଘାର ୮୧୪ତମ ବାର୍ଷିକ ଉର୍ସ ପୂର୍ବରୁ ଏହାକୁ ଡିସେମ୍ବର ୨୨ ତାରିଖରେ ଏକ ଜରୁରୀ ଶୁଣାଣି ପାଇଁ ଦାଖଲ କରାଯାଇଥିଲା।

ସେହି ଦିନ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଉର୍ସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ଚାଦର ଚଢ଼ାଇଥିଲେ। ଏହା ସ୍ୱାଧୀନତା ପରଠାରୁ ପ୍ରଧାନମନ୍ତ୍ରୀମାନଙ୍କ ଦ୍ୱାରା ଅନୁସରଣ କରାଯାଉଥିବା ଜାରି ରହିଥିବା ଏକ ଦୀର୍ଘକାଳୀନ ପରମ୍ପରା ଥିଲା।

### ୪ ଓଡ଼ିଆଙ୍କୁ...

ପୁରସ୍କାର ଓ ପଶ୍ଚିମବଙ୍ଗର ଏମସ କଲ୍ୟାଣୀରୁ ପ୍ରଥମ ବର୍ଷର ଛାତ୍ର ଅରବିନ୍ଦ ସାହୁ ସି ଭି ରମଣ ଛାତ୍ର ପ୍ରତିଭା ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ପରିଷଦର ମିଡ଼ିଆ ସେଲର ମୁଖ୍ୟ ବିଜୟ ଦାସ ସୂଚନା ଦେଇଛନ୍ତି ।

### କୁହୁଡ଼ି ନେଇ...

ସେଲସିୟସ୍ ଏବଂ ସର୍ବନିମ୍ନ ୧୬.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

ସେହିପରି କଟକରେ ସର୍ବାଧିକ ତାପମାତ୍ରା ୨୫.୬ ଡିଗ୍ରୀ ସେଲସିୟସ୍ ଏବଂ ସର୍ବନିମ୍ନ ୧୩.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ରାଜ୍ୟର ଅଧିକାଂଶ ସ୍ଥାନରେ ଥଣ୍ଡା ପବନ ବହିବା ଫଳରେ ଥଣ୍ଡା ପ୍ରକୋପ ବୃଦ୍ଧି ପାଇଛି। ରାଜ୍ୟର ପାହାଡିଆ ଅଞ୍ଚଳଗୁଡ଼ିକ ଅଧିକ ଥଣ୍ଡା ଅନୁଭୂତ ହୋଇଛି। ଦାରିଙ୍ଗବାଡିରେ ରାତିର ତାପମାତ୍ରା ୮.୫ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଛି। ବୌଦ୍ଧରେ ଘନ କୁହୁଡ଼ି ଦେଖାଯାଇଥିଲା ଯାହା ଦୃଶ୍ୟମାନତାକୁ ୫୦ ମିଟରରୁ କମ୍ କରିଦେଇଥିଲା।

### ତଟରକ୍ଷୀ ବାହିନୀରେ...

ଚ୍ୟାଲେଞ୍ଜଗୁଡ଼ିକୁ ସମ୍ଭାଳିବାରେ ସମ୍ପୂର୍ଣ୍ଣ ପରିପକ୍ୱ ହୋଇସାରିଛି । ରାଜନାଥ ସିଂ କହିଛନ୍ତି ଯେ ସାମୁଦ୍ରିକ ପ୍ରଦୂଷଣ ଏକ ଗମ୍ଭୀର ବିଶ୍ୱସ୍ତରୀୟ ଆହ୍ୱାନ ଭାବେ ଉଭା ହୋଇଛି, ଯାହା ମତ୍ସ୍ୟଜୀବୀଙ୍କ ଜୀବିକା ଏବଂ ଆଗାମୀ ପିଢ଼ିର ସୁରକ୍ଷା ଉପରେ ପ୍ରଭାବ ପକାଉଛି । ତେଣୁ ତଟରକ୍ଷୀ ବାହିନୀର ପ୍ରଦୂଷଣ ନିୟନ୍ତ୍ରଣ ଅଭିଯାନ ପ୍ରଶଂସନୀୟ । ଏହି ଜାହାଜ ଦେଶବାସୀ ଓ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଏକ ନୂତନ ଭରସା ସୃଷ୍ଟି କରିଛି। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଶତ୍ରୁମାନଙ୍କୁ ମଧ୍ୟ କଡ଼ା ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ଭାରତୀୟ ତଟରକ୍ଷୀ ବାହିନୀ ଶତ୍ରୁଙ୍କ ମନରେ ଏଭଳି ଭୟ ସୃଷ୍ଟି କରିଛି ଯେ ଯଦି କେହି ଭୁଲରେ ବି ଭାରତର ସାମୁଦ୍ରିକ ସୀମା ଉପରେ ଖରାପ ନଜର ପକାଏ, ତେବେ ତଟରକ୍ଷୀ ବାହିନୀ ତାକୁ ଦେଖିବା ଲୋକ କରି ଛାଡ଼ିବ ନାହିଁ । ପରିଶେଷରେ ସେ କହିଥିଲେ ଯେ ସମୁଦ୍ର ହେଉଛି ଆମର ଅର୍ଥନୀତି ଓ ଭବିଷ୍ୟତର ଆଧାର । ଏକ ସୁରକ୍ଷିତ ଏବଂ ସ୍ୱଚ୍ଛ ସମୁଦ୍ର ହିଁ ସୁରକ୍ଷିତ ବାଣିଜ୍ୟ ଏବଂ ପରିବେଶର ଗ୍ୟାରେଣ୍ଟି ଦେଇଥାଏ । 'ସମୁଦ୍ର ପ୍ରତାପ' ଭାରତର ଏହି ସାମୁଦ୍ରିକ ପ୍ରତିବଦ୍ଧତାକୁ ଆହୁରି ମଜଭୁତ କରିବ ।

## ମହିଳା ବିଡ଼ିଓଙ୍କ ଉପରେ ଆକ୍ରମଣ ଘଟଣା

# ଅପରାଧୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ରାଜରାସ୍ତାକୁ ଓହ୍ଲାଇବୁ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ବିଜେପି ନେତା ଓ କର୍ମୀମାନେ ଆଇନ ଶୃଙ୍ଖଳାକୁ ହାତକୁ ନେବା ଏବଂ ଗୁଣ୍ଡାରାଜ ଚଳାଇବା ଭଳି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କେନ୍ଦ୍ରାପଡା ଜିଲ୍ଲାରେ ରାଜନଗର ବ୍ଲକର ମହିଳା ବିଡ଼ିଓଙ୍କ ଉପରେ ବିଜେପି ନେତା କର୍ମୀଙ୍କ ଅମାନବୀୟ ଆକ୍ରମଣ ଏହାର ସଦ୍ୟତମ ଉଦାହରଣ ବୋଲି ବିଜୁ ଜନତା ଦଳ କହିଛି ।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ବରିଷ୍ଠ ସାଧାରଣ ସମ୍ପାଦକ ଡ଼ ଲେଖାଶ୍ରୀ ସାମନ୍ତସିଂହାର ଓ ରାଜନଗର ବିଧାୟକ ଶ୍ରୀ ଧ୍ରୁବ ଚରଣ ସାହୁ, ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି, ମହିଳାଙ୍କ ବିରୋଧରେ ଅପରାଧ ଓ ବିଜେପି ନେତା ଓ କର୍ମୀଙ୍କ ଦୌରାତ୍ମ୍ୟ ଉପରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ।ଡ଼ ସାମନ୍ତସିଂହାର କହିଥିଲେ, ବିଜେପି କ୍ଷମତାସୀନ ହେବାପରେ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡ଼ ସାମନ୍ତସିଂହାର କହିଥିଲେ, ରାଜନଗର ମହିଳା ବିଡ଼ିଓଙ୍କ ଉପରେ ବିଜେପି ନେତା କର୍ମୀଙ୍କ ଆକ୍ରମଣ ଘଟଣାକୁ ୩ ଦିନରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିବା ବେଳେ, ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ରାଜନଗରରେ ଏହା ପ୍ରଥମ ଘଟଣା ନୁହେଁ। ପ୍ରାୟ ବର୍ଷେ ତଳେ ସେବେକାର ବିଡ଼ିଓ ଶୋଭନ ପଣ୍ଡା ପରେ ରବି ଆଚାର୍ଯ୍ୟଙ୍କ ଉପରେ ମଧ୍ୟ ବିଜେପି ରାଜନଗର ବିଧାୟକ ପ୍ରାର୍ଥୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଏପରି ଆକ୍ରମଣ କରାଯାଇଥିଲା। ୨୦ ଦିନ ତଳେ ବିଡ଼ିଓ ଭାବେ ଯୋଗ ଦେଇଥିବା ତିଳୋତ୍ତମା ପୃଷ୍ଟିଙ୍କ ଉପରେ ଆଉଥରେ ଆକ୍ରମଣ କରାଯାଇଛି । ଡ଼ ସାମନ୍ତସିଂହାର କହିଥିଲେ, ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଯିଏକି ରାଜନଗର ବିଧାନସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ହୋଇଥିଲେ, ସେ ମନମୋହନ ସାମଲଙ୍କ ଚିଙ୍ଗୁଡ଼ି ବ୍ୟବସାୟରେ ପାର୍ଟନର ଅଛନ୍ତି। ମନମୋହନଙ୍କ ଇଙ୍ଗିତରେ ତାଙ୍କୁ ବିଜେପି ସରକାର ସୁରକ୍ଷା ଦେଉଛନ୍ତି। ବିଜେପି ହିଂସାରେ ବିଶ୍ୱାସ କରେ, ଯାହାକୁ ସେମାନେ ରାଜ୍ୟରେ ସରକାରକୁ ଆସିବା ପରେ ବାରମ୍ବାର ପ୍ରମାଣିତ କରୁଛନ୍ତି । ପ୍ରଶାସନିକ ବିଧି ବ୍ୟବସ୍ଥା ବିଜେପିର ପୈତୃକ ସମ୍ପତ୍ତି ନୁହେଁ । ବିଧ ବ୍ୟବସ୍ଥା ଲୋକଙ୍କ କାମ କରିବା ପାଇଁ ଅଛି । ଚବିଶ ଘଣ୍ଟା ଭିତରେ ଅପରାଧୀ ମାନଙ୍କୁ ଗିରଫ କରାନଗଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ।

ଶ୍ରୀ ଧ୍ରୁବ ସାହୁ କହିଥିଲେ, ଏହି ଘଟଣାକୁ ଯେତେ କଡା ଭାଷାରେ ନିନ୍ଦା କଲେ ମଧ୍ୟ କମ୍ ହେବ। ଅହଙ୍କାରର ବଶବର୍ତୀ ହୋଇ ବିଜେପିର କର୍ମୀ ମାନେ ବ୍ଲକ ପଞ୍ଚାୟତକୁ ନିଜ କବ୍‌ଜାରେ ରଖିବାକୁ ଚାହୁଁଛନ୍ତି । ଗତ ରବିବାର ଏହି ଘଟଣାର ଅଭିଯୁକ୍ତ ମାନେ ଥାନାରେ ପହଞ୍ଚି ମିଥ୍ୟା ଆରୋପ ଦେଇ ପାଲଟା ଅଭିଯୋଗ କରିଛନ୍ତି । ପୋଲିସ ଅପରାଧୀଙ୍କୁ ଗିରଫ କରିବା ପରିବର୍ତ୍ତେ ସେମାନଙ୍କ ଠାରୁ ପାଲଟା ଏଫଆଇଆର ରଖିବାରୁ ରାଜ୍ୟରେ ପୋଲିସ ଶାସକ ଦଳର ହାତବାରିସୀ ସାଜିଛି ବୋଲି ସ୍ପଷ୍ଟ ହେଉଛି । ତେଣୁ ରାଜ୍ୟରେ ଶାସନ ବ୍ୟବସ୍ଥା ଭୁଶୁଡ଼ି ପଡିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜ୍ୟ ସରକାରଙ୍କୁ ଆମେ ଚେତାବନୀ ଦେଉଛୁ, ଅପରାଧୀ ମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନନେଲେ, ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

**ବାଲେଶ୍ୱର, ନ୍ୟୁଜ୍**

ସ୍ଥାନୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୮୮ ଜଣ ଅଭିଯୋଗ-କାରୀ ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରି ଥିଲେ। ସେଗୁଡ଼ିକ ମଧ୍ୟରୁ ୧୫୭ ଗୋଟି ବ୍ୟକ୍ତିଗତ, ୧୧ ଗୋଟି ସାମୁହିକ, ୨୦ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ୩୩ ଗୋଟି ଦରଖାସ୍ତର ଆଶୁ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରେ ୬୦% ଓ ତାହାଠାରୁ ଅଧିକ ଗତିଶୀଳ ଅସମର୍ଥତା ଥିବା ଲୋକୋମୋଟର ଅକ୍ଷମ ବ୍ୟକ୍ତିମାନଙ୍କୁ ୮ଟି ବ୍ୟାଟେରୀ ଚାଳିତ ଟ୍ରାଇସିକଲ୍ ପ୍ରଦାନ କରାଯାଇଛି । ଏହି ଟ୍ରାଇସିକଲ୍‌ଗୁଡ଼ିକୁ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍, ବାଲେଶ୍ୱରଙ୍କ ଦ୍ୱାରା ପ୍ରଦାନ କରା ଯାଇଥିଲା। ଏହି ପଦକ୍ଷେପ ଦ୍ୱାରା ଅସମର୍ଥ ବ୍ୟକ୍ତିମାନଙ୍କର ଗତିଶୀଳତା, ସ୍ୱାଧୀନତା ଓ ସାମାଜିକ ସମ୍ମିଳନ ବୃଦ୍ଧି ପାଇବ।


## ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସତ୍ୟଭାମା ମହାପାତ୍ର

(ଆବିର୍ଭାବ: ୨୧/୦୭/୧୯୪୦) | (ତିରୋଧାନ: ୨୬/୧୨/୨୦୨୫)

ଧାମନଗର ଏନଏସି, ଶ୍ୟାମପୁର

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ହୃଦୟରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଶୋକସନ୍ତପ୍ତ

ବଡ ପୁଅ, ସାନ ପୁଅ, ଦୁଇ ବୋହୂ, ଝିଅ, ନାତି-ନାତୁଣୀ, ନାତୁଣୀ ବୋହୂ, ଅଣନାତି, ଝିଅ-ଜ୍ୱାଇଁ ଏବଂ ସମସ୍ତ ମହାପାତ୍ର ପରିବାର ଓ ବନ୍ଧୁବର୍ଗ।


# ହାଇସ୍କୁଲରେ ଅଘଟଣ : ନିଆଁରେ ପୋଡି ୪ ଛାତ୍ର ଗୁରୁତର

**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**

ଜିଲ୍ଲାର ବିଷମ କଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲୁଗୁଡା ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ନିଆଁରେ ପୋଡି ହୋଇ ୪ଜଣ ଛାତ୍ର ଗୁରୁତର ହୋଇଛନ୍ତି । ଜଣକର ଅବସ୍ଥା ସଙ୍କଟାପନ୍ନ ରହିଛି । ଘଟଣାରୁ ପ୍ରକାଶ ଯେ ସୋମବାର ଅପରାହ୍ନ ୩ଟା ସମୟରେ ବିଦ୍ୟାଳୟ କିଛି ଛାତ୍ର ପରିସ୍ରା କରିବାକୁ ଯାଇଥିଲେ। ସେ ସମୟରେ ବିଦ୍ୟାଳୟର ଜଣେ ଛାତ୍ର ୪ଜଣ ଛାତ୍ରଙ୍କ ଉପରେ ଥିନର ପକାଇ ଦିଆସିଲି ଲଗାଇ ଦେଇଥିଲେ । ଯାହାଫଳରେ ପିଲା ମାନଙ୍କ ଶରୀର ଅଗ୍ନି ସଂଯୋଗ ହୋଇ ପିଲା ମାନେ ଜଳିଯାଉଥିଲେ। ଖବର ପାଇଁ ବିଦ୍ୟାଳୟ ଶିକ୍ଷକ ମନେ ଚାରିଜଣ ଛାତ୍ରଙ୍କୁ ଉଦ୍ଧାର କରି ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛନ୍ତି । ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଖ୍ରୀଷ୍ଟିୟାନ୍ ହସ୍‌ପିଟାଲ ସ୍ଥାନାନ୍ତର କରାଯାଇଛି । ଆହତ ମାନଙ୍କ ମଧ୍ୟରେ ବିରାଜ ଟାକ୍ରି ଗୁରୁତର ରହିଛି । ତେବେ ଆହତ ମାନେ ହେଲେ ସପ୍ତମ ଶ୍ରେଣୀ ଛାତ୍ର ବିରାଜ ଟାକ୍ରି, ନଳିନ ହୁଇକା, ରୋହିତ ଖରା ଏବଂ ପଂଚମ ଶ୍ରେଣୀ ଛାତ୍ର ସୁଦାବ ବାଘ ଅଟନ୍ତି । ବିଦ୍ୟାଳୟ କାର୍ଯ୍ୟ ସମୟ ଭିତରେ ଛାତ୍ର ମାନେ ପୋଡିଯିବା ଏକ ନିନ୍ଦନିୟ ଘଟଣା ହୋଇଥିବା ବେଳେ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNABEDA

O-1939

Letter No. 48

E-mail- eerw sunabeda@yahoo.co.in

Date: 05/01/26

2nd Corrigendum

In continuation to this office Bid Identification No. Online Tender/09/RWD-SBD/2025-26 invited vide this office letter No.5183 Dtd. 19.12.2025, partial modification of TCN has been made of all the works as follows:-

| Sl No | Item | Time Schedule as per original TCN No. 09/RWD-SBD/2025-26 | Time Schedule as per 1st Corrigendum | Time Schedule as per 2nd Corrigendum |
|---|---|---|---|---|
| 1 | Availability of Tender online for bidding | From 22.12.2025 at 11.00 AM to 01.01.2026 up to 5.00 PM | Extended till 08.01.2026 upto 05.00 PM | Extended till 16.01.2026 upto 05.00 PM |
| 2 | Date & Time of opening of tender | 02.01.2026 at 11.00 AM | 09.01.2026 at 11.00 AM | 17.01.2026 at 11.00 AM |

All other terms and conditions will remain unaltered.

Superintending Engineer
RW Division, Sunabeda

OIPR-25059/11/0033/2526

